# ଆଜିଠୁ ପ୍ରବାସୀ ଭାରତୀୟ ଦିବସ

# ବଧୂ ବେଶରେ ରାଜଧାନୀ

ରାତି ପାହିଲେ ଭୁବନେଶ୍ୱର ଜନତା ମଇଦାନରେ ଆରମ୍ଭ ହେବ "ପ୍ରବାସୀ ଭାରତୀୟ ଦିବସ'ର ୧୮ତମ ସଂସ୍କରଣ। ପ୍ରଥମ ଥର ପାଇଁ ଓଡ଼ିଶାରେ ଆୟୋଜିତ ହେଉଥିବା ଏହି ସମ୍ମିଳନ ପାଇଁ ସଜେଇ ହୋଇଛି ମନ୍ଦିରମାଳିନୀ ଭୁବନେଶ୍ୱର। ସନ୍ଧ୍ୟା ହେଲେ ରଙ୍ଗବେରଙ୍ଗର ଆଲୋକାମାଳାରେ ଝଲସୁଛି ସହରର ରାସ୍ତାଘାଟ। କାନ୍ଥବାଡ଼ରେ ଶୋଭାପାଉଛି ଓଡ଼ିଶାର କଳା, ସଂସ୍କୃତି ଓ ପରମ୍ପରା ପ୍ରତିଛବି। ପ୍ରବାସୀ ଓ ବିଭିନ୍ନ ଦେଶରୁ ଆସିଥିବା ପ୍ରତିନିଧିଙ୍କୁ ଓଡ଼ିଶାର ସଂସ୍କୃତି ସହ ଯୋଡ଼ିବାକୁ ଏହା ସହାୟକ ହେବ ବୋଲି ଆଶା କରାଯାଉଛି।

ଏହି ଅବସରରେ ଜନତାମଇଦାନକୁ ସ୍ୱତନ୍ତ୍ର ଭାବେ ସଜାଯିବା ସହ ଆଲୋକୀକରଣ କରାଯାଇଛି। ସମ୍ମିଳନରେ ପ୍ରମୁଖ ଆକର୍ଷଣ ହେବ 'ଓଡ଼ିଶା ଥିମ୍ ପ୍ୟାଭିଲିୟନ୍'। ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ପ୍ରସ୍ତୁତ ଏହି ପ୍ୟାଭିଲିୟନ୍ ଓଡ଼ିଶା ସଂସ୍କୃତିର ପେଣ୍ଠସ୍ଥଳ ପାଲଟିବ। ଏଠାରେ ଓଡ଼ିଶାର ଐତିହ୍ୟ, ପାରମ୍ପରିକ ସଂସ୍କୃତି, ଅନନ୍ୟ ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ଶିଳ୍ପ ବିକାଶ ପ୍ରଦର୍ଶିତ ହେବ। ୪୦୦ ବର୍ଗ ମିଟର ପରିବ୍ୟାପ୍ତ ଅଞ୍ଚଳରେ ନିର୍ମିତ ଏହି ପ୍ୟାଭିଲିୟନ୍‌ର ନାମ ରହିଛି "ଗ୍ଲୋରିୟସ ଓଡ଼ିଶା: ପ୍ରାଚୀନରୁ ଆଧୁନିକ'। ଏହାକୁ ପଟ୍ଟଚିତ୍ର, ଚାନ୍ଦୁଆ କାର୍ଯ୍ୟ ଏବଂ ଆଦିବାସୀ ଚିତ୍ରକଳାରେ ସୁସଜ୍ଜିତ କରାଯିବା ସହ ଶ୍ରୀଜଗନ୍ନାଥସଂସ୍କୃତି, କଳିଙ୍ଗଯୁଦ୍ଧ, ସମ୍ରାଟଅଶୋକଙ୍କ ଚଣ୍ଡାଶୋକରୁ ଧର୍ମାଶୋକରେ ରୂପାନ୍ତରଣ, ଐତିହ୍ୟ ବାଲିଯାତ୍ରା ଓ ଅନ୍ୟାନ୍ୟ କୀର୍ତ୍ତିରାଜିଗୁଡ଼ିକର ପ୍ରଦର୍ଶନ କରାଯାଇଛି। ଏହାର ବାହ୍ୟ ସଙ୍ଗଠନାରେ ଓଡ଼ିଶାର ଅନନ୍ୟ କଳା, ହସ୍ତତନ୍ତ, ଐତିହ୍ୟ, ପାରମ୍ପରିକ ସଂସ୍କୃତି, ଅନନ୍ୟ ପ୍ରାକୃତିକ ସୌନ୍ଦର୍ଯ୍ୟ, ହସ୍ତଶିଳ୍ପ, ଆଦିବାସୀ ସମ୍ପ୍ରଦାୟର ଅବଦାନ ସମେତ ଓଡ଼ିଶାର ସାଂସ୍କୃତିକ ଉତ୍ତରାଧିକାରକୁ ଦର୍ଶାଉଥିବା ଭିଜୁଆଲ୍ କାହାଣୀଗୁଡ଼ିକ ଉପସ୍ଥାପିତ ହେବ। ପ୍ରବେଶ କ୍ଷେତ୍ର ଏବଂ ୩-ଡି ସ୍ଥାପତ୍ୟ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିବ। କୋଣାର୍କ ସୂର୍ଯ୍ୟ ମନ୍ଦିରର ଏକ ବିସ୍ତୃତ ପ୍ରତିକୃତିକୁ ସ୍ଥାନୀତ କରାଯିବା ସହ ଚିଲିକା ହ୍ରଦ ଇକୋସିଷ୍ଟମ୍, ପକ୍ଷୀ ବିହାରର ଭର୍ଚୁଆଲ୍ ଅନୁଭୂତି ନେବେ ପ୍ରବାସୀ। ସେହିପରି ଡିଜିଟାଲ ମାଧ୍ୟମରେ ଓଡ଼ିଶାର ପର୍ଯ୍ୟଟନ, ସଂସ୍କୃତି, କଳା, ଭାସ୍କର୍ଯ୍ୟ ପାରମ୍ପରିକ ସଂସ୍କୃତିକୁ ଏଥର ଆନିମେଟେଡ୍ ଭିଡିଓ, ଡିଜିଟାଲ୍ କଣ୍ଟେଣ୍ଟ ଓ ଭର୍ଚୁଆଲ ରିଆଲିଟି ଆଦି ପରିବେଷଣ କରାଯିବା ସହ ଓଡ଼ିଶାର ଶିଳ୍ପ ପ୍ରଗତିକୁ ଆଲୋକିତ କରୁଥିବା ମଡେଲଗୁଡ଼ିକ ପ୍ରଦର୍ଶିତ ହେବ। ଯାହାକି ପ୍ରତିଟି ବ୍ୟକ୍ତିଙ୍କ ମନରେ ଓଡ଼ିଶାର କଳା, ସଂସ୍କୃତି, ପରମ୍ପରା ଓ ଏତିହ୍ୟର ଛାପ ଚିରଦିନ ପାଇଁ ରହିବ।



## ୯ରେ ଆସିବେ ପ୍ରଧାନମନ୍ତ୍ରୀ, ୧୦ରେ ରାଷ୍ଟ୍ରପତି

ଏଥର ପ୍ରବାସୀ ଭାରତୀୟ ସମ୍ମିଳନୀର ୧୮ ତମ ସଂସ୍କରଣ ଐତିହାସିକ, ସାଂସ୍କୃତିକ ଓ ଆଧାତ୍ମିକ ଦୃଷ୍ଟି କୋଣରୁ ଓଡିଶାରେ ଅନୁଷ୍ଠିତ ହେବାକୁ ଯାଉଛି। ପୂର୍ବୋଦ୍ୱୟର ବିକାଶ କ୍ଷେତ୍ରରେ ଏହି ସମ୍ମିଳନୀ ବଡ଼ ଭୂମିକା ନିର୍ବାହ କରିବ। ପ୍ରବାସୀ ଭାରତୀୟ ଦିବସ ସମ୍ମିଳନୀ ପରୀପେକ୍ଷୀରେ ଭୁବନେଶ୍ୱର ଲୋକସେବା ଭବନ ସମ୍ମିଳନୀ କକ୍ଷଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ମୁଖ୍ୟ ଶାସନ ସଚିବ ମନୋଜ କୁମାର ଆହୁଜା କେନ୍ଦ୍ର ବୈଦେଶିକ ବ୍ୟାପାର ମନ୍ତ୍ରାଳୟ ସଚିବ ଅରୁଣ କୁମାର ଚାଟାର୍ଜୀ ଏହା କହିଛନ୍ତି। ମିଳିତ ସାମ୍ବାଦିକ ସମ୍ମିଳନୀରେ ଏହି ଦୁଇ ବରିଷ୍ଠ ଅଧିକାରୀ ସମ୍ମିଳନୀର କାରଣ, ଉଦ୍ଦେଶ୍ୟ ଏବଂ ଲକ୍ଷ୍ୟ ବାବଦରେ ସବିଶେଷ ବିବରଣୀ ପ୍ରଦାନ କରି କହିଛନ୍ତି ଯେ ୮ ତାରିଖରୁ ଯୁବ ସମାବେଶରୁ ଏହି ତିନି ଦିନିଆ ପ୍ରବାସୀ ଭାରତୀୟ ସମ୍ମଳନୀ ଆରମ୍ଭ ହେବ। ଯୁବ ପ୍ରବାସୀ ଭାରତୀୟ ଦିବସ ପରେ ଓଡ଼ିଶାରେ ପୁଞ୍ଜି ବିନିଯୋଗ ସମ୍ଭାବନା ନେଇ ପ୍ରବାସୀ ମାନଙ୍କ ସହିତ ଘରୋଇ ହୋଟେଲରେ ଆଲୋଚନା ହେବ। ଯେଉଁଥିରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଏବଂ କେନ୍ଦ୍ର ଯୁବ ବ୍ୟାପାର ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ସମ୍ବୋଧିତ କରିବେ। ଏହି ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ତ୍ରିନିଦାଦ ଓ ଟୋବାଗୋ ରାଷ୍ଟ୍ରପତି ଯୋଗଦେବେ ବୋଲି ସ୍ଥିର ହୋଇଛି।

### ମୁଖ୍ୟଅତିଥି ହେବେ ତ୍ରିନିଦାଦ ଓ ଟୋବାଗୋ ରାଷ୍ଟ୍ରପତି

ସେହିପରି ୯ ତାରିଖରେ ପ୍ରଧାନମନ୍ତ୍ରୀ ଆନୁଷ୍ଠାନିକ ଭାବେ ପ୍ରବାସୀ ଭାରତୀୟ ସମ୍ମିଳନୀକୁ ଉଦଘାଟନ କରିବା ସହ ସମ୍ବୋଧିତ କରିବେ। ପ୍ରବାସୀ ଭାରତୀୟମାନଙ୍କୁ ଦେଶର ବିଭିନ୍ନ ପର୍ଯ୍ୟଟନସ୍ଥଳ ବୁଲାଇବା ପାଇଁ ତିନିଦିନ ଧରି ଚାଲିବାକୁ ଥିବା ପ୍ରବାସୀ ଭାରତୀୟ ଏକ୍ସପ୍ରେସକୁ ଶୁଭାରମ୍ଭ କରିବେ। ଅପରାହ୍ନରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ପ୍ରବାସୀ ଭାରତୀୟମାନଙ୍କ ସହ ବିକଶିତ ଭାରତ ୨୦୪୭ ବିଷୟରେ ଆଲୋଚନା କରିବେ। ସେହିପରି ୧୦ ତାରିଖରେ ଉଦଯାପନୀ ଉତ୍ସବରେ ରାଷ୍ଟ୍ରପତି ଦୌପ୍ରଦୀ ମୁର୍ମୁ ମୁଖ୍ୟ ଅତିଥି ଭାବେ ଯୋଗ ଦେବେ ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ତିନି ଦିନିଆ ସମ୍ମିଳନୀରେ ଓଡ଼ିଶା ଏବଂ ଦେଶ ବିକାଶରେ ଥିବା ବିଭିନ୍ନ ସମ୍ଭାବନା ବିଷୟରେ ପ୍ରବାସୀମାନଙ୍କ ସହ ଆଲୋଚନା ହେବ। ମହିଳାମାନଙ୍କ ପାଇଁ ସ୍ୱତନ୍ତ୍ର ଭାବେ ପ୍ରବାସୀ ଦିବସର ବ୍ୟବସ୍ଥା ହୋଇଛି। ଏହା ସହ ବିଭିନ୍ନ ପ୍ଲେନାରି ସେସନ ରେ ପ୍ରତିଷ୍ଠିତ ବ୍ୟକ୍ତି ବିଶେଷ ମାନେ ପ୍ରବାସୀ ମାନଙ୍କ ସହ ଆଲୋଚନା କରିବେ। ସେହିପରି କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଗଜେନ୍ଦ୍ର ଶିଖ ଶେଖାୱାତ ନିର୍ଦ୍ଦିଷ୍ଟ ସେସନରେ ଯୋଗ ଦେଇ ପ୍ରବାସୀମାନଙ୍କ ସହ ଆଲୋଚନା କରିବେ।

ପ୍ରବାସୀମାନେ ଭୁବନେଶ୍ୱର ଆଖପାଖ ସମେତ ପୁରୀ, କଟକ, ଯାଜପୁରର ଆଦିର ପ୍ରାୟ ୨୧ଟି ପର୍ଯ୍ୟଟନସ୍ଥଳୀ ବୁଲିବା ପାଇଁ ବ୍ୟବସ୍ଥା ହୋଇଛି। ଏମାନଙ୍କୁ ବୁଲାଇ ନେବା ପାଇଁ ଡବଲ୍ ଡେକର ବସ୍‌ର ବ୍ୟବସ୍ଥା ହୋଇଛି। ଏହି ସମ୍ମିଳନୀ ସମୟରେ ଦେଖାଦେଇଥିବା ଏଚ୍‌ଏମପିଭି ଭୟକୁ ପ୍ରତିହତ କରିବା ପାଇଁ କେନ୍ଦ୍ର ସରକାରଙ୍କ ମାର୍ଗଦର୍ଶିକାକୁ ଗୁରୁତର ସହ ପାଳନ କରାଯିବ ବୋଲି କୁହାଯାଇଛି।

### ■ ହୋଟେଲରେ ୫୦୦୦ କୋଠରୀ ସଂରକ୍ଷିତ

ଅତିଥି ଦେବୋ ଭବକୁ ଗୁରୁତ୍ୱ ଦେଇ ଓଡ଼ିଶାର ପାରମ୍ପରିକ ଉପାୟରେ ପ୍ରବାସୀଙ୍କୁ ସ୍ୱାଗତ କରାଯିବା ସହ ସେମାନଙ୍କ ଅତିଥେୟତାକୁ ଗୁରୁତ୍ୱ ଦିଆଯାଇଛି। ପ୍ରବାସୀମାନଙ୍କ ରହଣି ପାଇଁ ରାଜଧାନୀର ପ୍ରାୟ ବିଭିନ୍ନ ତାରକା ଏବଂ ଛୋଟବଡ଼ ହୋଟେଲର ପ୍ରାୟ ୫ ହଜାର ରୁମ୍ ବୁକିଂ ହୋଇଛି। ଏଠାରେ ଆରାମଦାୟକ ରହଣି ସାଙ୍ଗକୁ ସମସ୍ତ ସୁବିଧା ଉପଲବ୍ଧ ରହିଛି। ଏହି ଦିନ ରହଣି ସମୟରେ ଯଦି କେହି ଅସୁସ୍ଥ ଅନୁଭବ କରନ୍ତି ସେମାନଙ୍କ ପାଇଁ ହୋଟେଲଗୁଡ଼ିକରେ ପ୍ରାଥମିକ ଚିକିତ୍ସା ବ୍ୟବସ୍ଥା ସାଙ୍ଗକୁ ତୁରନ୍ତ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାର କାର୍ଯ୍ୟକ୍ରମ ରହିଛି।

### ■ ଓଡ଼ିଆ ପରିବାର ସହ 'ହୋମ୍‌ଷ୍ଟେ'

ପ୍ରବାସୀ ଭାରତୀୟ ମାନଙ୍କ ପାଇଁ ହୋଇଛି ହୋମ୍‌ଷ୍ଟେ ବ୍ୟବସ୍ଥା। ରାଜଧାନୀର ବିଭିନ୍ନ ପ୍ରମୁଖ ସ୍ଥାନରେ ପ୍ରାୟ ୨୦ଟି ସ୍ଥାନରେ ଏହି ସୁବିଧା କରାଯାଇଛି। ଏଥିପାଇଁ ଅନେକ ଘର ମାଲିକ ପର୍ଯ୍ୟଟନ ବିଭାଗ ସହ ପଞ୍ଜୀକୃତ କରିଛନ୍ତି। ଏଠାରେ ଷ୍ଟାର ହୋଟେଲର ସୁବିଧା ସାଙ୍ଗକୁ ମିଳିବ ନିଜ ଘରର ଅନୁଭୂତି। ବିଳାସପୂର୍ଣ୍ଣ ରହଣି ସାଙ୍ଗକୁ ଘରର ଡାଇନିଂ ଟେବୁଲରେ ଖାଇବା, ଡ୍ରଇଂ ରୁମରେ ବସି ଟିଭି ଦେଖିବା, ବାଲ୍‌କୋନୀରୁ ପଡ଼ୋଶୀମାନଙ୍କୁ ଦେଖିବା, ଛାତ ଉପରେ ବୁଲିବା ସାଙ୍ଗକୁ କିଚେନ୍‌ରେ ନିଜ ମନ ପସନ୍ଦର ଖାଦ୍ୟ ମଧ ରୋଷେଇ କରିବାର ରହିଛି ସୁବିଧା। ହୋମ୍‌ଷ୍ଟେରେ ଉକ୍ତ ଘରର ମାଲିକ ରହିବା ବେଳେ ନିଜ ଘରର ଅନୁଭୂତି ପାଇବେ ପ୍ରବାସୀ।

### ■ ସଂଗ୍ରହାଳୟରେ ପାରମ୍ପରିକ ଖାଦ୍ୟ

ରାଜ୍ୟସଂଗ୍ରହାଳୟ ପରିସରରେ ବିଶ୍ୱ ଓଡ଼ିଶା ପରିବାର ପକ୍ଷରୁ ଏକ ସ୍ୱତନ୍ତ୍ର ଷ୍ଟଲରେ ଓଡ଼ିଶାର ବିଭିନ୍ନ ଜିଲ୍ଲାର ପ୍ରସିଦ୍ଧ ଖାଦ୍ୟ ଉପଲବ୍ଧ ରହିଛି। ପୁରୀ, କ୍ଷିରୀ, ମାଲପୁଆ, ଛେନାଝିଲି, ପାହାଳ ରସଗୋଲା, ନୟାଗଡ଼ ଛେନାପୋଡ଼, କେନ୍ଦ୍ରାପଡ଼ା ରସାବଳୀ, ପୁରୀର ଖଜା, ଢେଙ୍କାନାଳ ମଗଜି ଲଡୁ ସାଙ୍ଗକୁ ଏଣ୍ଡୁରୀ, ମଣ୍ଡା, ପୋଡ଼, କାକରା, ଆରିସା ପିଠା ସାଙ୍ଗକୁ ୨୦ ପ୍ରକାର ପାରମ୍ପରିକ ବ୍ୟଞ୍ଜନ ରହିଛି। ସଂଗ୍ରହାଳୟ ଭ୍ରମଣ ସମୟରେ ପ୍ରବାସୀମାନେ ଏହି ସମସ୍ତ ସୁସ୍ୱାଦୁ ଖାଦ୍ୟ ଖାଇବା ସହ ଓଡ଼ିଶାର ଏହି ପାରମ୍ପରିକ ଖାଦ୍ୟ ବିଷୟରେ ଚର୍ଚ୍ଚା କରିବେ। ପ୍ରବାସୀମାନେ ଆମ ଅତିଥି। ସେମାନଙ୍କୁ ସ୍ୱତନ୍ତ୍ର ବ୍ୟଞ୍ଜନଗୁଡ଼ିକ ଚଖାଇବା ଆମର କର୍ତ୍ତବ୍ୟ।



### '୧୨ ଯାଏ ଫୁରସତ୍ ନାହିଁ, ପରେ ଆସ'

ପ୍ରବାସୀ ଭାରତୀୟ ଦିବସ ଓଡ଼ିଶା ପାଇଁ ସମ୍ମାନର ପ୍ରଶ୍ନ। ସୁରୁଖୁରୁରେ ଏତେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ କିପରି ଶେଷ ହେବ, ଅତିଥିମାନେ ସୁଖଦ ଅନୁଭୂତି ନେଇ ଏଠାରୁ ଫେରିବେ, ସେ ନେଇ ପୂରା ରାଜ୍ୟ ପ୍ରଶାସନ କାମରେ ଲାଗି ପଡିଛି। ଏଥିରେ ସରକାରଙ୍କର ଅଧା ବିଭାଗ ନିୟୋଜିତ ହୋଇଛନ୍ତି। କିନ୍ତୁ ଭୁବନେଶ୍ୱରର ସଚିବାଳୟ ହେଉ ଅବା ବାହାରେ ଥିବା ନିର୍ଦ୍ଦେଶାଳୟ, ସବୁଠି ଅଧିକାରୀଙ୍କ ମୁହଁରେ ଗୋଟିଏ କଥା, ଏବେ ପୂରା ବ୍ୟସ୍ତ ପରେ ଆସ। ଯେଉଁ ବିଭାଗର ଏହି ସମ୍ମିଳନୀ ଆୟୋଜନରେ କୌଣସି ଭୂମିକା ନାହିଁ ସେଠାକାର କର୍ମଚାରୀ ବି ନିଜକୁ ଏକଦମ ବ୍ୟସ୍ତ ବୋଲି ଦର୍ଶାଇବା ପାଇଁ ପ୍ରତିଯୋଗିତା ଚଳାଇଛନ୍ତି। କିଛିଦିନ ହେଲା ଅନେକ କାର୍ଯ୍ୟାଳୟରେ କାମ ହେଉ ନାହିଁ ବୋଲି କହିଲେ ଭୁଲ ହେବ ନାହିଁ। ସମ୍ମିଳନୀ ଆୟୋଜନ ଦାୟିତ୍ୱ ପାଇଥିବା ବିଭାଗ ହେଉ ଅବା ଦାୟିତ୍ୱରେ ନ ଥିବା ବିଭାଗ ହେଉ, ସବୁଠି ସମାନ ଢ଼ଙ୍ଗରେ କାମ ଚାଲିଛି। ଦୂର ଦୂରାନ୍ତରୁ ଜରୁରୀ କାମରେ ଭୁବନେଶ୍ୱର ଦୌଡ଼ି ଆସିଥିବା ଲୋକଟିଏ ନିରାଶ ହୋଇ ଫେରୁଥିବା ଅଭିଯୋଗ ହୋଇଛି।





### ପ୍ରବାସୀ ଓଡ଼ିଆଙ୍କୁ ଏକାଠି କରିବା ପାଇଁ ବଡ଼ ସୁଯୋଗ



ଓଡ଼ିଶା ବାହାରେ ରହୁଥିବା ପ୍ରତ୍ୟେକ ପ୍ରବାସୀଙ୍କ ପାଇଁ ପ୍ରବାସୀ ଭାରାତୀୟ ଦିବସ ଏକ ଅଭୂତପୂର୍ବ ସୁଯୋଗ। ବିଦେଶ ମାଟିରୁ ଯାଇ ଓଡ଼ିଶାର ପରମ୍ପରା, ସଂସ୍କୃତି, କଳା, ଭାସ୍କର୍ଯ୍ୟକୁ ପୁଣି ଥରେ ଅନୁଭବ କରିବାର ସୁଯୋଗ ଦେଇଛି ଏହି କାର୍ଯ୍ୟକ୍ରମ। ଏହା କହିଛନ୍ତି ଅଷ୍ଟ୍ରେଲିଆରେ କାର୍ଯ୍ୟରତ ହେମାଟୋଲୋଜି ବିଶେଷଜ୍ଞ ଡାକ୍ତର ନଳିନୀ ପତି। ଏକ ଭିଡିଓ ବାର୍ତ୍ତାରେ ଡ଼ା ପତି କହିଛନ୍ତି, ଦୀର୍ଘଦିନ ହେଲା ଆମେ ଏପରି ଏକ ଅଭିନବ କାର୍ଯ୍ୟକ୍ରମକୁ ଅପେକ୍ଷା କରିଥିଲୁ। ଦୁନିଆର ବିଭିନ୍ନ କୋଣ ଅନୁକୋଣରେ ରହୁଥିବା ଓଡ଼ିଆ ଏବଂ ଭାରତୀୟମାନଙ୍କୁ ଏକାଠି କରିବା ପାଇଁ ଏକ ବହୁତ ବଡ଼ ପ୍ରୟାସ। କେବଳ କାର୍ଯ୍ୟକ୍ରମ ଆୟୋଜନ ନୁହେଁ, ବରଂ ଅନ୍ୟାନ୍ୟ କ୍ଷେତ୍ର ପାଇଁ ମଧ ଏହି ସମ୍ମିଳନୀ ବହୁତ ସହାୟକ ହେବ ବୋଲି ଶ୍ରୀ ପତି କହିଛନ୍ତି।

**ଡାକ୍ତର ନଳିନୀ ପତି**

### ପ୍ରବାସୀ ଭାରତୀୟଙ୍କ କୁମ୍ଭ ମେଳା



ଆମେ କର୍ମସଂସ୍ଥାନ ଅନ୍ୱେଷଣରେ ଜନ୍ମମାଟିକୁ ଛାଡି ବିଦେଶରେ ବସବାସ କରିଥାଉ। କିନ୍ତୁ ଆମ ମାତୃଭୂମି ସେହି ସ୍ଥାନରେ ରହିଥାଏ। ଆଉ ପ୍ରବାସୀ ଭାରତୀୟ ଦିବସ ହେଉଛି ଏପରି ଏକ ସୁଯୋଗ ଯାହା ଆମକୁ ଆମ ଜନ୍ମଭୂମି ପର୍ଯ୍ୟନ୍ତ ଟାଣି ନେଇଥାଏ। ଭୁବନେଶ୍ୱରରେ ଆୟୋଜିତ ହେଉଥିବା ୧୮ତମ ପ୍ରବାସୀ ଭାରତୀୟ ଦିବସରେ ଯୋଗଦେବା କୌଣସି ଦିବ୍ୟ ଅନୁଭୂତି ଠାରୁ କମ୍ ନୁହେଁ। ଏଥର ଭୁବନେଶ୍ୱରରେ ଆୟୋଜିତ ହେଉଥିବା ଏହି ଦିବସ ଆମକୁ ଶ୍ରୀଜଗନ୍ନାଥ ଭୂମି ସହିତ ଯୋଡ଼ିହେବାର ସୁଯୋଗ ଦେଇଛି। ଓଡିଆ ସଂସ୍କୃତିକୁ ଜାଣିବା, ଓଡିଆ ଲୋକଙ୍କ ସହିତ ମିଶିବା ସୁଯୋଗ କୌଣସି ପ୍ରବାସୀ ହାତଛଡ଼ା କରିବା ଉଚିତ ନୁହେଁ। ଏଠାରୁ ଆମକୁ ବହୁତ କିଛି ଶିଖିବା ପାଇଁ ସୁଯୋଗ ଦେଇଛି। ଏହା ହେଉଛି ପ୍ରବାସୀ ଭାରତୀୟଙ୍କ କୁମ୍ଭ ମେଳା।

**ଜ୍ୟୋତ୍ସ୍ନା ଶର୍ମା,
ଆମେରିକାରେ ଅବସ୍ଥାପିତ ସାମ୍ବାଦିକା**





# ଭୁବନେଶ୍ୱର ସିଟି



### ଯୁବକଙ୍କୁ ଗୋଡ଼ାଇ ଗୋଡ଼ାଇ ହାଣିବା ଘଟଣା

## ପିତୁନା ଗିରଫ; ଖଣ୍ଡା ଜବତ

ଭୁବନେଶ୍ୱର, ୭।୧(ସମିସ): ଝାରପୋଖରୀ ନିକଟରେ ଗୋଡ଼ାଇ ହାଣିବା ଘଟଣାରେ ଏୟାରପୋର୍ଟ ଥାନା ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ସୁନ୍ଦରପଦାର ବିରେନ୍ଦ୍ର ଭୋଇ ଓରଫ ପିତୁନା। ତା' ନିକଟରୁ ପୁଲିସ ଏକ ଖଣ୍ଡା ଜବତ କରିଛି।

ଅଭିଯୋଗ ଅନୁସାରେ, ଗତ ୫ ତାରିଖ ମଧ୍ୟାହ୍ନ ୧୨.୩୦ରେ ସୌମ୍ୟରଞ୍ଜନ ସାହୁ ଏବଂ ସିଦ୍ଧାର୍ଥ ରଞ୍ଜନ ସାହୁ ଉଭୟ ମିଶି ଝାରପୋଖରୀ ଦେଇ ଯାଉଥିଲେ। ମଣ୍ଟୁ ସାମଲ ନାମକ ଜଣେ ଯୁବକ କୌଣସି ଏକ ବିଷୟରେ ଆଲୋଚନା କରିବା ପାଇଁ ସିଦ୍ଧାର୍ଥଙ୍କୁ ନିକଟସ୍ଥ କ୍ଲବ୍‌କୁ ସାଙ୍ଗରେ ଯିବା ପାଇଁ କହିଥିଲେ। ସିଦ୍ଧାର୍ଥ ତାଙ୍କ କଥାରେ ରାଜି ନ ହେବାରୁ ମଣ୍ଟୁ ତାଙ୍କୁ ମାଡ଼ମାରିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା ଏବଂ ପରେ ମଣ୍ଟୁ ଉଭୟଙ୍କୁ ଜୀବନରୁ ମାରିଦେବାର ଧମକ ଦେଇ ସେ ସ୍ଥାନ ଛାଡ଼ି ଦୌଡ଼ି ପଳାଇ ଯାଇଥିଲେ। ସେହିଦିନ ସାଢ଼େ ୨ଟା ସମୟରେ ଉଭୟ ସୌମ୍ୟରଞ୍ଜନ ଏବଂ ସିଦ୍ଧାର୍ଥ ଝାରପୋଖରୀରୁ ସ୍କୁଟି ଯୋଗେ ଘରକୁ ଯିବା ପାଇଁ ବାହାରିଥିବାବେଳେ, ଅଭିଯୁକ୍ତ ମଣ୍ଟୁ ସାମଲ, ପିତୁନା ଓରଫ ବିରେନ୍ଦ୍ର ଭୋଇ ଏବଂ ତାଙ୍କର ଅନ୍ୟ ୪ ସହଯୋଗୀ ଏକ କାର୍ ଓ ଏକ ମୋଟର ସାଇକଲ ଯୋଗେ ସେଠାରେ ପହଞ୍ଚି ଉଭୟଙ୍କୁ ଜୋର୍‌ଜବରଦସ୍ତ ରାସ୍ତାରେ ଅଟକାଇଥିଲେ। ପରେ ସେମାନେ ସାଙ୍ଗରେ ଆଣିଥିବା ଖଣ୍ଡା ଏବଂ ଛୁରୀ ସାହାଯ୍ୟରେ ଉଭୟଙ୍କୁ ମରଣାନ୍ତକ ଆକ୍ରମଣ କରି ପଳାଇଥିଲେ। ସ୍ଥାନୀୟ ଲୋକ ଉଭୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରିଥିବାବେଳେ ଅବସ୍ଥା ସଂକଟାପନ୍ନ ହେବାରୁ ଆହତ ସୌମ୍ୟଙ୍କୁ ଏମ୍‌ସକୁ ସ୍ଥାନାନ୍ତର କରାଯାଇଥିଲା। ଏହି ଘଟଣାକୁ କେନ୍ଦ୍ରକରି ଅଭିଯୋଗକାରିଣୀଙ୍କ ଅଭିଯୋଗ ଆଧାରରେ ପୁଲିସ ମାମଲାର ତଦନ୍ତ କରିବା ସହ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ଚଢ଼ଉ ଜରିଆରେ ଅଭିଯୁକ୍ତ ପିତୁନାକୁ କାବୁ କରିବାରେ ସକ୍ଷମ ହୋଇଥିବାବେଳେ, ଘଟଣାରେ ବ୍ୟବହୃତ ଏକ ଖଣ୍ଡାକୁ ଜବତ କରିଥିଲେ। ଅଭିଯୁକ୍ତ ଜଣେ ଅଭ୍ୟାସଗତ ଅପରାଧୀ ହୋଇଥିବାବେଳେ, ତାଙ୍କ ନାମରେ ପୂର୍ବରୁ ମଧ୍ୟ ଏୟାରଫିଲ୍ଡ ଥାନାରେ ୭ଟି ଅପରାଧିକ ମାମଲା ରହିଛି।

## କମଳା ନେହରୁ ମହିଳା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

ଭୁବନେଶ୍ୱର, ୭।୧(ସମିସ): କମଳା ନେହରୁ ମହିଳା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ବିଧାୟକ ଅନନ୍ତ ନାରାୟଣ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀ ଏବଂ ଅଧ୍ୟାପକ/ଅଧ୍ୟାପିକାଙ୍କ ମଧ୍ୟରେ ଥିବା ସମନ୍ୱୟକୁ ପ୍ରଶଂସା କରିଛନ୍ତି। ଶିକ୍ଷା ସମେତ ଆନୁସଙ୍ଗିକ କାର୍ଯ୍ୟକ୍ରମ ଜାରି ରଖି ମହାବିଦ୍ୟାଳୟର ଗୌରବ ବଢ଼ାଇବାକୁ ଆହ୍ୱାନ ଦେଇଛନ୍ତି। ମୁଖ୍ୟବକ୍ତା ଭାବେ ଅଧ୍ୟାପକ ବିଶ୍ୱରଞ୍ଜନ ଓ ସମ୍ମାନିତ ଅତିଥି ଭାବେ ଡ. ଏସ୍‌କେ କଲିମୁଲ୍ଲା ଯୋଗଦେଇ ଜୀବନର ଲକ୍ଷ୍ୟ ହାସଲ କରିବାକୁ ସଠିକ୍ ପଥ ଅନୁସରଣ କରିବାକୁ ଛାତ୍ରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସୁଶାନ୍ତ କୁମାର ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିବାବେଳେ ଡ. ଅଭିଜିତା ଦାସ ମଞ୍ଚ ପରିଚାଳନା ଏବଂ ଲୋପାମୁଦ୍ରା ଜେନା ଓ ଡ. ବେଦୁଲା ରାମଲକ୍ଷ୍ମୀ ବାର୍ଷିକ ବିବରଣୀ ପାଠ କରିଥିଲେ। ବରିଷ୍ଠ ଅଧ୍ୟାପକ ରମାକାନ୍ତ ମହାପାତ୍ରଙ୍କ ସମେତ ଅଧ୍ୟାପକ/ଅଧ୍ୟାପିକାମାନେ ସହାୟତା କରିଥିଲେ।

# ଗୁଗଲ୍‌ରେ ଜାଲ ବିଛାଇଛନ୍ତି ସାଇବର ଠକ

- ଚାକିରି ଖୋଜୁଥିଲେ ହୁଅନ୍ତୁ ସାବଧାନ
- ବିଭିନ୍ନ ଟୋଲ୍ ଫ୍ରି' ନମ୍ବର ଖୋଜିଲେ ମିଳୁଛି ଠକଙ୍କ ନମ୍ବର
- ସରକାରୀ, ଘରୋଇ ୱେବ୍‌ସାଇଟ୍ ପରି ଖୋଲିଛନ୍ତି ନକଲି ୱେବ୍‌ସାଇଟ୍
- ସାଧାରଣ ଲୋକ ଜାଣି ନ ପାରି ହେଉଛନ୍ତି ଠକାମିର ଶିକାର



ଭୁବନେଶ୍ୱର, ୭।୧(ସମିସ): ଠକେଇ ପାଇଁ ସାଇବର ଠକ କିଛି ବି କରିବାକୁ ପଛାଉ ନାହାନ୍ତି। ଏବେ ସାଇବର ଠକ ଠକେଇ କରିବା ପାଇଁ ଅଭିନବ ପନ୍ଥା ଅପଣାଇଛନ୍ତି। ସେମାନେ ଗୁଗଲ୍‌ରେ ଠକେଇ ପାଇଁ ଜାଲ ବିଛାଇଛନ୍ତି। ଯଦି କେହି ଗୁଗଲ୍‌ରୁ ଦେଖି ଚାକିରି ପାଇଁ ଫୋନ୍ କରନ୍ତି ଠକାମିର ଶିକାର ହେବେ। ଗତ କିଛି ମାସ ହେବ ରାଜଧାନୀରେ ଏଭଳି ଠକେଇ ବଢ଼ିବାରେ ଲାଗିଛି। ଆହୁରି ମଧ୍ୟ ଏକାଧିକ ସର୍ଭିସ୍ ସେଣ୍ଟରର ଜାଲ୍ ଟୋଲ୍ ଫ୍ରି ନମ୍ବର ଦେଇଛନ୍ତି। ଯଦି କୌଣସି ବ୍ୟକ୍ତି ତା'ର ସମସ୍ୟା ନେଇ ଗୁଗଲ୍‌ରେ ଖୋଜେ, ତେବେ ସାଇବର ଠକ ଦେଇଥିବା ନମ୍ବର ପଳାଇ ଆସୁଛି। ଲୋକେ ଏହାକୁ ଅସଲି ସର୍ଭିସ ସେଣ୍ଟର ଭାବି ଫୋନ୍ କଲେ ସେମାନେ ଅସଲି ପରି କଥା ହେଉଛନ୍ତି। ଏଭଳି ସମସ୍ୟାର ସମାଧାନ ପାଇଁ ମୋବାଇଲ୍‌ରେ ଏକ ଆପ୍ ଡାଉନ୍‌ଲୋଡ୍ କରିବା ପାଇଁ କହୁଛନ୍ତି। ଏହି ଆପ୍ ଥରେ ମୋବାଇଲ୍‌ରେ ଇନ୍‌ଷ୍ଟଲ କଲେ ଠକଙ୍କ ପାଖକୁ ସମସ୍ତ ତଥ୍ୟ ପଳାଉଛି। ଫୋନ୍ ପେ', ଗୁଗଲ୍ ପେ' ଏବଂ ଅନ୍ୟାନ୍ୟ ଟ୍ରାଞ୍ଜାକ୍ସନ ସମୟରେ ମୋବାଇଲ୍‌ରେ ମାରୁଥିବା ପାସ୍‌ୱାର୍ଡ ଠକ ଦେଖିପାରୁଛନ୍ତି। ଏହାପରେ ଏହି ପାସ୍‌ୱାର୍ଡ ମାଧ୍ୟମରେ ଆକାଉଣ୍ଟରୁ ଟଙ୍କା ଖାଲି କରି ଦେଉଛନ୍ତି। ଏହିଭଳି ଭୁବନେଶ୍ୱର ସାଇବର ଥାନାରେ ଏକାଧିକ ମାମଲା ରୁଜୁ ହେଲାଣି। ସୋମବାର ମଧ୍ୟ ଏହିଭଳି ଦୁଇ ଜଣ ବ୍ୟକ୍ତି ସାଇବର ଠକାମିର ଶିକାର ହୋଇଛନ୍ତି। ଜଣେ ବ୍ୟକ୍ତି ଜଳ ବିଶୋଧନ ସର୍ଭିସ୍ ଖୋଜି ୩୫ ଲକ୍ଷ ସାଇବର ଠକେଇର ଶିକାର ହୋଇଛନ୍ତି। ଠକେଇର ଶିକାର ହୋଇଥିବା ଜାଗମରାର ବିନୋଦ ବେହେରା ସାଇବର ଥାନାରେ ଅଭିଯୋଗ କରିଛନ୍ତି।

ସେ ପାଣି ବିଶୋଧନ ସର୍ଭିସ୍ ସେଣ୍ଟରର ନମ୍ବର ଗୁଗଲ୍‌ରୁ ଖୋଜୁଥିଲେ। ଗୁଗଲ୍‌ରୁ ଏକ ନମ୍ବର ପାଇ କଥା ହେଉଥିବା ସମୟରେ ଫୋନ୍ କଟିଯାଇଥିଲା। ଏହାର ୧୦ ମିନିଟ୍ ପରେ ତାଙ୍କ ନିକଟକୁ ଆଉ ଏକ ଫୋନ୍ କଲ୍ ଆସିଥିଲା। ଉକ୍ତ ବ୍ୟକ୍ତି ଜଣକ ନିଜକୁ ପାଣି ବିଶୋଧନ ସର୍ଭିସ୍ ସେଣ୍ଟରରୁ ଫୋନ୍ କରିଥିବା କହିଥିଲେ। ତାଙ୍କୁ ଏକ ଆପ୍ ଡାଉନ୍‌ଲୋଡ୍ କରିବାକୁ କହିଥିଲେ। ଏହା ଡାଉନ୍‌ଲୋଡ୍ କରି ନିଜର ତଥ୍ୟ ଦେବା ପରେ ତାଙ୍କ ଆକାଉଣ୍ଟରୁ ୩୫ ଲକ୍ଷ ଟଙ୍କା କଟିଯାଇଥିଲା। ସେହିପରି ନୂଆପଲ୍ଲୀର ରାଜୁ ପଟ୍ଟନାୟକ ଗୁଗଲ୍‌ରେ ଉଷାର ପାଣି ହିଟର ସର୍ଭିସ୍ ସେଣ୍ଟର ଖୋଜୁଥିଲେ। ଏହାର କିଛି ସମୟ ପରେ ତାଙ୍କ ନିକଟକୁ ଏକ ଫୋନ୍ କଲ୍ ଆସିଥିଲା। ତାଙ୍କୁ ଏହି ସର୍ଭିସ୍ ପାଇବାକୁ ହେଲେ ଏନି ଡେସ୍କ ଆପ୍ ଡାଉନ୍‌ଲୋଡ୍ କରିବାକୁ ପଡ଼ିବ ବୋଲି କହିଥିଲେ। ରାଜୁ ଏହି ଆପ୍ ଡାଉନ୍‌ଲୋଡ୍ କରିବା ପରେ ତାଙ୍କ ଆକାଉଣ୍ଟରୁ ୧୧ଲକ୍ଷ କଟିଯାଇଥିଲା। କେବଳ ଗୁଗଲ୍‌ରେ ବିଭିନ୍ନ ସଂସ୍ଥାର ଫେକ୍ ଟୋଲ୍ ଫ୍ରି ନମ୍ବର ନୁହେଁ, ସାଇବର ଠକମାନେ ସରକାରୀ ଏବଂ ବେସରକାରୀ ସଂସ୍ଥାର ୱେବ୍‌ସାଇଟ୍ ପରି ଅବିକଳ ଦେଖାଯାଉଥିବା ନକଲି ୱେବ୍‌ସାଇଟ୍ ଖୋଲିଛନ୍ତି। ଗୁଗଲ୍‌ରେ ଯଦି କେହି ସଂସ୍ଥାର ୱେବ୍‌ସାଇଟ୍ ଖୋଜୁଛି ତେବେ ନକଲି ୱେବ୍‌ସାଇଟ୍ ପଳାଇ ଆସୁଛି। ଯାହାଫଳରେ ଲୋକେ ଜାଣି ନ ପାରି ଠକାମିର ଶିକାର ହେଉଛନ୍ତି। ସେମାନେ କୌଣସି କାମ ପାଇଁ ଏହି ୱେବ୍‌ସାଇଟ୍ ଖୋଲିବା ପରେ ଠକ ତାଙ୍କୁ ଆଗେ ଅନ୍‌ଲାଇନ୍‌ରେ ପେମେଣ୍ଟ କରିବାକୁ କହୁଛନ୍ତି। ସରକାରୀ ୱେବ୍‌ସାଇଟ୍ ଭାବି ଲୋକେ ଠକଙ୍କୁ ପେମେଣ୍ଟ କରି ଦେଉଛନ୍ତି। କିନ୍ତୁ ପରେ ତାଙ୍କର କାମ ହେଉ ନ ଥିବାରୁ ଠକାମିର ଶିକାର ହୋଇଥିବା ଜାଣି ଥାନାର ଦ୍ୱାରସ୍ଥ ହେଉଛନ୍ତି।

ଏଭଳି ମଧ୍ୟ ମଙ୍ଗଳବାର ଜଣେ ବ୍ୟକ୍ତି ୧୦ ଲକ୍ଷ ଟଙ୍କା ଠକାମିର ଶିକାର ହୋଇଛନ୍ତି। ସେ ଏକ ୱେବ୍‌ସାଇଟ୍‌ରେ ଚାକିରି ପାଇଁ ଖୋଜୁଥିଲେ। ୱେବ୍‌ସାଇଟ୍ ଖୋଲିବା ପରେ ଚାକିରି ପାଇଁ ପ୍ରଥମେ ୧୦ ହଜାର ଟଙ୍କା ଦେବାକୁ ପଡ଼ିବ ବୋଲି କହିଥିଲେ। ବିଭିନ୍ନ ବାହାନା କରି ସାଇବର ଠକ ୧୦ ଲକ୍ଷ ଟଙ୍କା ନେଇଯାଇଥିଲେ। କେବଳ ଏହି ଠକେଇ ନୁହେଁ, ଏକ ଘରୋଇ ସଂସ୍ଥାର ୱେବ୍‌ସାଇଟ୍ ହ୍ୟାକ୍ ହୋଇଥିବା ନେଇ ମଧ୍ୟ ସାଇବର ଥାନାରେ ଅଭିଯୋଗ ହୋଇଛି।

### ବିମାନବନ୍ଦରରୁ ୧୦ କୋଟିର ମାରିଜୁନା ଜବତ ଘଟଣା

## ଓଡ଼ିଶାରୁ ଠାବ ହେଲା ଜର୍ମାନୀ ଗଞ୍ଜେଇ

- ଜର୍ମାନୀରୁ ମାଲେସିଆ ଭାୟା ଓଡ଼ିଶା ଦେଇ କୋଲକାତା ଚାଲାଣ
- ଦୁଇ ମହିଳାଙ୍କୁ ରିମାଣ୍ଡରେ ଆଣିବାକୁ ଆବେଦନ

ଭୁବନେଶ୍ୱର, ୭।୧(ସମିସ): ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନବନ୍ଦରରୁ ୧୦ କୋଟି ଟଙ୍କାର ମାରିଜୁନା ଜବତ ଘଟଣାରେ ଖୋଳତାଡ଼ ଆରମ୍ଭ ହୋଇଛି। ତଦନ୍ତ ପରେ ବଡ଼ ଖୁଲାସା କରିଛି ସୀମା ଶୁଳ୍କ (କଷ୍ଟମ) ବିଭାଗ। ଜବତ ମାରିଜୁନା (ଗଞ୍ଜେଇ) ଜର୍ମାନୀରୁ ଆସୁଥିବା ତଦନ୍ତ ପରେ ସ୍ପଷ୍ଟ ହୋଇଛି। ଜର୍ମାନୀରୁ ମାଲେସିଆ ଭାୟା ଓଡ଼ିଶା ଦେଇ କୋଲକାତାକୁ ଚାଲାଣ କରାଯାଉଥିଲା। ଅନୁରୂପ ଭାବେ ମାରିଜୁନା ସ୍ମଗ୍‌ଲିଂରେ ଧରାପଡ଼ିଥିବା ଦୁଇ ମହିଳାଙ୍କ ପରିଚୟ ମିଳିଛି। ଗିରଫ ଦୁଇ ମହିଳା କୋଲକାତାର ଅବଦା ଖାତୁନ୍ ଓ ନାସିରା ବେଗମ। ଉଭୟଙ୍କୁ ରିମାଣ୍ଡରେ ନେଇ ପଚରାଉଚରା କରିବାକୁ ଲକ୍ଷ୍ୟ ରଖିଛି କଷ୍ଟମ ବିଭାଗ।

ମିଳିଥିବା ସୂଚନା ଅନଯାୟୀ, କୋଲକାତା ବିମାନବନ୍ଦରରେ ବିପୁଳ ନିଶାଦ୍ରବ୍ୟ, ସୁନାଗହଣା ଚୋରା ଚାଲାଣ ବଢ଼ିବାରେ ଲାଗିଛି। ତେଣୁ ସେଠାରେ ଧରପଗଡ଼ ଜୋର୍‌ଦାର୍ କରାଯିବା ସହ ସମସ୍ତଙ୍କୁ ଆଲର୍ଟ କରିଥିଲା ସୀମାଶୁଳ୍କ ବିଭାଗ। ତେଣୁ ସ୍ମଗ୍‌ଲର୍‌ମାନେ ବାଟ ବଦଳାଇ ଓଡ଼ିଶା ବାଟ ଦେଇ ନିଶାଦ୍ରବ୍ୟ ଚାଲାଣ କରିବାକୁ ଯୋଜନା କରିଥିଲେ। କୋଲକାତାର ଦୁଇ ମହିଳା ମାଲେସିଆ ଯାଇଥିଲେ। ସେଠାରୁ ଜର୍ମାନୀ ଯିବା ପାଇଁ ପ୍ରସ୍ତୁତ ହୋଇଥିବା ମାରିଜୁନାକୁ ଓଡ଼ିଶା ଦେଇ କୋଲକାତା ଚାଲାଣ କରିବାକୁ ଦୁଇ ମହିଳା ଯାତ୍ରୀଙ୍କୁ ମାଫିଆମାନେ ଯୋଗାଡ଼ କରିଥିଲେ। ମାଲେସିଆରୁ ବ୍ୟାଗ୍‌ରେ ୧୯ଟି ପ୍ୟାକେଟ୍ ମାରିଜୁନା ଧରି ଦୁଇ ମହିଳା ଭାରତ ଫେରିଥିଲେ। କ୍ୱାଲାଲମ୍ପୁର-ଓଡ଼ିଶା ରୁଟ୍‌ରେ ଚଳାଚଳ କରୁଥିବା ବିମାନରେ ଏହି ନିଶାଦ୍ରବ୍ୟ ନେଇ ଭୁବେନଶ୍ୱର ବିମାନବନ୍ଦରେ ପହଞ୍ଚିଥିଲେ। ସେମାନଙ୍କ ଲଗେଜ୍ ଯାଞ୍ଚ କରିବାରୁ ଅବଦା ଓ ନାସିରାଙ୍କ ଉପରେ କଷ୍ଟମ ଅଧିକାରୀଙ୍କ ସନ୍ଦେହ ହୋଇଥିଲା। ସେମାନଙ୍କ ବ୍ୟାଗ୍‌କୁ ଯାଞ୍ଚ କରିବା ପରେ ୯ କିଲୋ ୫୨୪ ଗ୍ରାମ୍‌ର ମାରିଜୁନା ଜବତ ହୋଇଥିଲା। ମାରିଜୁନା ସ୍ମଗ୍‌ଲିଂ ପଛରେ ବଡ଼ ନିଶା ମାଫିଆ ଗ୍ୟାଙ୍ଗ୍‌ର ସମ୍ପୃକ୍ତି ରହିଥିବା ସନ୍ଦେହ କରାଯାଉଛି। କୋଲକାତାର ଅବଦା ଓ ନାସିରା ମାଲେସିଆକୁ କିଛି ଦିନ ତଳେ ବୁଲିବାକୁ ଯାଇଥିଲେ। ସେଠାରୁ ଫେରିଲାବେଳେ ମାରିଜୁନା ଧରି ଫେରୁଥିବାବେଳେ କଷ୍ଟମ୍ ହାବୁଡ଼ରେ ପଡ଼ି ଯାଇଥିଲେ। ସେମାନେ ପୂର୍ବରୁ ଏଭଳି ବିଦେଶୀ ନିଶାଦ୍ରବ୍ୟ ଚାଲାଣ କରିଥିଲେ କି ନାହିଁ, ସେ ଦିଗରେ ଅଧିକ ତନାଘନା କରାଯାଉଛି। ଏହି ମାରିଜୁନା ଚାଲାଣ ପଛରେ ଆଉ ଜଣେ ଭାରତୀୟ ନାଗରିକଙ୍କ ସମ୍ପୃକ୍ତି ରହିଥିବା ଜଣାପଡ଼ିଛି। ସମ୍ପୃକ୍ତ ବ୍ୟକ୍ତି ବିଷୟରେ ପ୍ରମାଣ ଯୋଗାଡ଼ କରିବା ସହ ତାକୁ ଧରିବାକୁ ତନାଘନା କରାଯାଉଛି।



## ସୁନାହାର ଝାମ୍ପି ନେଇ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, ୭।୧(ସମିସ): ଜଣେ ମହିଳାଙ୍କ ବେକରୁ ସୁନାହାର ଲୁଟ୍ କରିବା ମାମଲାରେ ଖଣ୍ଡଗିରି ଥାନା ପୁଲିସ ଜଣେ ଲୁଟେରାକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ଆଦିତ୍ୟ ନଗରରେ ରହୁଥିବା କେଶବ ଜେନା। ତା' ନିକଟରୁ ସୁନାହାରକୁ ପୁଲିସ ଜବତ କରିଛି। ଏନେଇ ଥାନାରେ ରମାକାନ୍ତ ସ୍ୱାଇଁଙ୍କ ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରିଥିଲା। ସୂଚନାଯୋଗ୍ୟ ଯେ, ରମାକାନ୍ତ ଏବଂ ତାଙ୍କ ପତ୍ନୀ ଗତ ୫ ତାରିଖ ରାତି ୮ଟା ସମୟରେ ପାତ୍ରପଡ଼ାଠାରେ ଥିବା ଏକ ରେସ୍ତୋରାଁରେ ରାତ୍ରିଭୋଜନ ସାରି କାର୍ ଯୋଗେ ଘରକୁ ଫେରୁଥିଲେ। ରାସ୍ତାରେ ଅଭିଯୁକ୍ତ ଏବଂ ତାଙ୍କର ଜଣେ ସହଯୋଗୀ ଏକ ମୋଟର ସାଇକଲରେ ଆସି ପତ୍ନୀଙ୍କ ବେକରୁ ସୁନାହାର ଛିଣ୍ଡାଇ ନେଇ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଅଭିଯୋଗକାରୀ ଉଭୟ ଅଭିଯୁକ୍ତଙ୍କ ପିଛା କରିଥିଲେ ମଧ୍ୟ ସେମାନଙ୍କୁ କାବୁ କରିବାରେ ବିଫଳ ହୋଇଥିଲେ। ସେ ଏନେଇ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ମାମଲା ରୁଜୁ ପରେ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ଚଢ଼ଉ କରି ଖଣ୍ଡଗିରି ପାହାଡ଼ ନିକଟରୁ ଗିରଫ କରିବାରେ ସକ୍ଷମ ହୋଇଥିଲେ। ଛାନ୍‌ଭିନ୍ ସମୟରେ ପୁଲିସ ଅଭିଯୁକ୍ତଙ୍କ ପ୍ୟାଣ୍ଟ ପକେଟରୁ ଏକ ସୁନାହାର ସହିତ ଘଟଣାରେ ବ୍ୟବହୃତ ଏକ ନମ୍ବରବିହୀନ ମୋଟର ସାଇକଲକୁ ଜବତ କରିଥିଲେ।

## ରାଜାରାଣୀ ସଙ୍ଗୀତ ମହୋତ୍ସବ ଉଦ୍‌ଘାଟିତ



ଭୁବନେଶ୍ୱର, ୭।୧(ସମିସ): ରାଜାରାଣୀ ମନ୍ଦିର ପ୍ରାଙ୍ଗଣରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଯାଇଛି ରାଜାରାଣୀ ସଙ୍ଗୀତ ମହୋତ୍ସବ। ଉଦ୍‌ଘାଟନୀ ସମାରୋହରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଅତିଥି ଭାବେ ଯୋଗଦେଇ କଣ୍ଠଶିଳ୍ପୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପ୍ରଥମ ଦିନର ସାଂସ୍କୃତିକ ସନ୍ଧ୍ୟାରେ ସତ୍ୟବ୍ରତ କାଠ ଓ ଗ୍ରୁପ୍ ଓଡ଼ିଶୀ ସଙ୍ଗୀତ ଓ କିରୱାନୀ ରାଗରେ ହିନ୍ଦୁସ୍ତାନୀ ସଙ୍ଗୀତ ପରିବେଷଣ କରିଥିବାବେଳେ ମହେଶ ବିନାୟକରାମ ଏବଂ ଗ୍ରୁପ୍‌ଙ୍କ ଦ୍ୱାରା କର୍ଣ୍ଣାଟକୀ ସଙ୍ଗୀତ ପରିବେଷଣ କରାଯାଇଥିଲା। ଆସନ୍ତା ୧୧ ତାରିଖ ପର୍ଯ୍ୟନ୍ତ ଏହି ଉତ୍ସବ ଅନୁଷ୍ଠିତ ହେବ।

## ଥାନାରେ ଅଦିନିଆ ପର୍ବ



ଭୁବନେଶ୍ୱର, ୭।୧(ସମିସ): ପ୍ରବାସୀ ଭାରତୀୟ ସମ୍ମିଳନୀ ପାଇଁ ଭୁବନେଶ୍ୱରକୁ ନବବଧୂ ପରି ସଜା ହୋଇଥିବା ବେଳେ ବାଦ ପଡ଼ିନି କମିସନରେଟ୍ ପୁଲିସର ବିଭିନ୍ନ ଥାନା। ଖଣ୍ଡଗିରି ଥାନା, କ୍ୟାପିଟାଲ, ବାଲିଅନ୍ତା ଆଦି ଥାନାଗୁଡ଼ିକ ରଙ୍ଗବେରଙ୍ଗର ଆଲୋକମାଳା ସହ ଫୁଲ ଗଛରେ ସଜା ଯାଇଛି। ଯାହାକି ପ୍ରବାସୀମାନଙ୍କୁ ଆକର୍ଷଣ କରୁଛି। ଭୁବନେଶ୍ୱରର ବିଭିନ୍ନ ଛକରେ ଝଲସୁଛି ରଙ୍ଗବେରଙ୍ଗର ଆଲୋକ। ଚାନ୍ଦୁଆରେ ବିଭିନ୍ନ ଲାଇଟ୍ ଖଞ୍ଜାଯାଇ ଆକର୍ଷଣୀୟ ରୂପ ଦିଆଯାଇଛି। ଠିକ୍ ଗୋଟିଏ ନୂଆ ବୋହୂପରି ଦିଶୁଛି ଭୁବନେଶ୍ୱର। ଖାସ୍ ଏଇ ଆଲୋକମାଳାକୁ ଦେଖିବାକୁ ଲୋକମାନେ ଆସୁଛନ୍ତି। କିଏ ସେଲ୍‌ଫି ନେଉଛି ତ କିଏ ସାଙ୍ଗସାଥୀ, ପରିବାର ସହ ଏଠି ଫଟୋ ଉଠାଉଛି। ରାଜ୍ୟ ତଥା ରାଜ୍ୟ ବାହାରୁ ଆସୁଥିବା ଲୋକଙ୍କୁ ଆକୃଷ୍ଟ କରୁଛି ଆଲୋକମାଳା। ଗୋଟିଏ ପଟେ ଆକର୍ଷଣୀୟ ଆଲୋକମାଳା, ଆଉ ଗୋଟିଏ ପଟେ ରାଜଧାନୀରେ ଚାଲିଛି ମହୋତ୍ସବ। ସନ୍ଧ୍ୟା ହେଲେ ଭୁବନେଶ୍ୱରରେ ପ୍ରବଳ ଭିଡ଼। ସାଂସ୍କୃତିକ କାର୍ଯ୍ୟକ୍ରମ ସାଙ୍ଗକୁ ଓଡ଼ିଆ ଖାଦ୍ୟର ମଜା ନେଉଛନ୍ତି ଲୋକ। ପ୍ରବାସୀଙ୍କୁ ସ୍ୱାଗତ କରିବାକୁ ପୂରା ପ୍ରସ୍ତୁତ ରାଜଧାନୀ। କାନ୍ଥବାଡ଼ରେ ରଙ୍ଗବେରଙ୍ଗର ଚିତ୍ର ସାଙ୍ଗକୁ ରାତିରେ ରଙ୍ଗୀନ ଆଲୋକ ମାଳା ରାଜଧାନୀକୁ ରଙ୍ଗୀନ କରିଦେଇଛି।

# ସ୍ୱଚ୍ଛ ହୃଦୟ, ଶାନ୍ତି ଓ ବିଶ୍ୱାସର ପ୍ରତୀକ ଫୁଲ



- ବାର୍ଷିକ ପୁଷ୍ପ ପ୍ରଦର୍ଶନୀକୁ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ
- ପ୍ରଦର୍ଶନୀ ବୁଲିବେ ପ୍ରବାସୀ ଭାରତୀୟ




ଭୁବନେଶ୍ୱର, ୭।୧ (ସମିସ): ଆଞ୍ଚଳିକ ଉଦ୍ଭିଦ ସମ୍ପଦ କେନ୍ଦ୍ର, ଏକାମ୍ର କାନନ, ଭୁବନେଶ୍ୱର, ପ୍ଲାଣ୍ଟ ଲଭର୍ସ ଆସୋସିଏସନ୍‌ର ମିଳିତ ସହଯୋଗରେ ରାଜ୍ୟସ୍ତରୀୟ ବାର୍ଷିକ ପୁଷ୍ପ ପ୍ରଦର୍ଶନୀ ଆରମ୍ଭ ହୋଇଛି। ମଙ୍ଗଳବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଦର୍ଶନୀକୁ ଉଦଘାଟନ କରି କହିଥିଲେ ଯେ କଳଙ୍କବିହୀନ ସ୍ୱଚ୍ଛ ହୃଦୟ ଏବଂ ଶାନ୍ତି ଓ ବିଶ୍ୱାସର ପ୍ରତୀକ ହେଉଛି ଫୁଲ। ଈଶ୍ୱରଙ୍କ ସବୁଠୁ କୋମଳ ଏବଂ ପବିତ୍ର ସର୍ଜନା ରୂପେ ଏହା ସୃଷ୍ଟିର ଅୟମାରମ୍ଭରୁ ଏଯାବତ୍ ପୃଥିବୀର ପ୍ରତ୍ୟେକ କୋଣ ଅନୁକୋଣରେ ନିଜର ଆକର୍ଷଣ ଏବଂ ଗୁରୁତ୍ୱ ବଜାୟ ରଖିଛି। ପୁଷ୍ପ ଚେତନା ଏକ ନୈସର୍ଗିକ ଉପଲବ୍ଧି ଏବଂ ଏହା ଆମ ସାମାଜିକ, ସାଂସ୍କୃତିକ ଓ ଆଧ୍ୟାତ୍ମିକ ଜୀବନରେ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଜାନୁଆରୀ ୧୧ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରଦର୍ଶନୀକୁ ପ୍ରବାସୀ ଭାରତୀୟ ଦିବସ ସମ୍ମିଳନୀରେ ଯୋଗ ଦେବାକୁ ଆସିଥିବା ବିଶ୍ୱର ବିଭିନ୍ନ ଦେଶର ପ୍ରତିନିଧିମାନେ ପରିଦର୍ଶନ କରିବେ।

ପ୍ରଦର୍ଶନୀର ନୂତନ ଗେଟ୍ ପରିସର, ବହୁରଙ୍ଗୀ ଉଦ୍ୟାନ ଓ କ୍ୟାକଟସ ହାଉସ୍ ମଧ୍ୟ ଉଦ୍‌ଘାଟିତ ହୋଇଛି। ଏହି ପୁଷ୍ପ ପ୍ରଦର୍ଶନୀରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ୭୦ ଊର୍ଦ୍ଧ୍ୱ ପ୍ରତିଷ୍ଠାନ ଯୋଗଦେବା ସହ କଟ୍ ଫ୍ଲାୱାର, ବନସାଇ ଓ ବିଭିନ୍ନ ପ୍ରକାରର ଅର୍କିଡ୍ ମଧ୍ୟ ପ୍ରଦର୍ଶିତ ହେବା ସହ ଫୁଲରେ ନିର୍ମିତ ବିଭିନ୍ନ ଆକର୍ଷଣୀୟ ଥିମ୍ ଯଥା, ଶ୍ରୀଜଗନ୍ନାଥ, ଢ଼ୋଲ, ତବଲା, ବାର୍ବିଡଲ୍, ବୀଣା ପର୍ଯ୍ୟଟକଙ୍କୁ ବେଶ୍ ଆକର୍ଷିତ କରୁଛି। ଏହି ଅବସରରେ ଆଞ୍ଚଳିକ ଉଦ୍ଭିଦ ସମ୍ପଦ କେନ୍ଦ୍ରର ୨୦୨୪-୨୫ ବର୍ଷର ବାର୍ଷିକ ଗବେଷଣା ରିପୋର୍ଟ ଓ ପ୍ଲାଣ୍ଟ ଲଭର୍ସ ଆସୋସିଏସନ୍ ପକ୍ଷରୁ ପ୍ରକାଶିତ 'ସବୁଜିମା' ପତ୍ରିକାକୁ ମୁଖ୍ୟମନ୍ତ୍ରୀ ଉନ୍ମୋଚନ କରିଥିଲେ। ଏହି ଅବସରରେ ଓଡ଼ିଶୀ, ଛଉ, ସମ୍ବଲପୁରୀ ଓ ପାଇକ ନୃତ୍ୟ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

କାର୍ଯ୍ୟକ୍ରମରେ ଜଙ୍ଗଲ, ପରିବେଶ ମନ୍ତ୍ରୀ ଗଣେଶରାମ ସିଂଖୁଣ୍ଟିଆ, ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ଆଞ୍ଚଳିକ ଉଦ୍ଭିଦ ସମ୍ପଦ କେନ୍ଦ୍ରର ମୁଖ୍ୟ କାର୍ଯ୍ୟନିର୍ବାହୀ ସୁରେଶ ପନ୍ତ, ପ୍ରଶାସନିକ ଅଧିକାରୀ ସୁଶ୍ରୀ ଋତୁପର୍ଣ୍ଣା ମହାପାତ୍ର, ପ୍ଲାଣ୍ଟ ଲଭର୍ସ ଆସୋସିଏସନ୍‌ର ସଭାପତି କ୍ଷୀରୋଦ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତିବର୍ଷ ଏହି ପ୍ରଦର୍ଶନୀ ୨ ଦିନ ଚାଲୁଥିବା ବେଳେ ଚଳିତ ବର୍ଷ ଏହା ୫ ଦିନ ଚାଲିବ।


SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427

ଆବେଦନ କରିବା ପାଇଁ ସ୍କାନ୍ କରନ୍ତୁ

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ନିୟମିତ ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡ଼ିକ ପାଇଁ ନିୟମିତ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡ଼ିକ ଗ୍ରହଣ କରାଯାଉଛି:

| କ୍ର. ସଂ. | ପୋଷ୍ଟର ନାମ | ଖାଲି ପଦବୀ | ଗ୍ରେଡ୍ |
|---|---|---|---|
| ବିଜ୍ଞାପନ ସଂ. CRPD/SCO/2024-25/21 | | | |
| 1 | ଡେପୁଟି ମ୍ୟାନେଜର (ଆର୍କାଇଭିଷ୍ଟ) | 1 | ଏମଏମଜିଏସ୍ II |
| ବିଜ୍ଞାପନ ସଂ. CRPD/SCO/2024-25/26 | | | |
| 1 | ଟ୍ରେଡ୍ ଫାଇନାନ୍ସ ଅଧିକାରୀ | 150 | ଏମଏମଜିଏସ୍ II |

ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ। ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ। ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://bank.sbi/web/careers/post-your-query) ରେ ଉପଲବ୍ଧ।

- ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 03.01.2025 ରୁ 23.01.2025 ପର୍ଯ୍ୟନ୍ତ।

ସ୍ଥାନ: ମୁମ୍ବାଇ
ତାରିଖ: 03.01.2025
ମହା ପ୍ରବନ୍ଧକ (ଆର୍‌ପି ଆଣ୍ଡ ପିଏମ୍)



! ନିଯୁକ୍ତି ! ! ନିଯୁକ୍ତି ! ! ନିଯୁକ୍ତି !

୧୦୮ ଆମ୍ବୁଲାନ୍ସ ସେବା | EMRI GREEN HEALTH SERVICES

**ନିଯୁକ୍ତି ସୁଯୋଗ**

**୧୦୮ ଆମ୍ବୁଲାନ୍ସ ସେବା**

ଡ୍ରାଇଭର ଏବଂ ଇ.ଏମ୍.ଟି ଆବଶ୍ୟକ (କେବଳ ପୁରୁଷ)

| | ଡ୍ରାଇଭର୍ | ଜରୁରୀ ଡାକ୍ତରୀ ସହକର୍ମୀ (ଇ.ଏମ୍.ଟି) |
|---|---|---|
| ପଦବୀ | ଡ୍ରାଇଭର୍ | ଜରୁରୀ ଡାକ୍ତରୀ ସହକର୍ମୀ (ଇ.ଏମ୍.ଟି) |
| ଯୋଗ୍ୟତା | ଡ୍ରାଇଭିଙ୍ଗ୍ ଲାଇସେନ୍ସ ଏଲ୍‌ଏମ୍‌ଭି (କମର୍ସିଆଲ) ଏବଂ ବ୍ୟାଜ୍ ଲାଇସେନ୍ସ, ୮ମ ପାସ୍ କିମ୍ବା ତଦୂର୍ଦ୍ଧ୍ୱ ହେବା ଦରକାର | ବି.ଫାର୍ମା/ଡି.ଫାର୍ମା/ ଜି.ଏନ୍.ଏମ୍/ ବି.ଏସ୍.ସି (ନର୍ସିଂ) ଏବଂ +୨ ବିଜ୍ଞାନ (ଅନ୍ୟୁନ ୫୦% ମାର୍କ ଥିବା ଆବଶ୍ୟକ) |

ଇଚ୍ଛୁକ ପ୍ରାର୍ଥୀ ନିମ୍ନଲିଖିତ କାର୍ଯ୍ୟସୂଚୀ ଅନୁଯାୟୀ ସାକ୍ଷାତକାର କରନ୍ତୁ।

| | |
|---|---|
| ଅଫିସ୍ ଠିକଣା | ୭ମ ମହଲା, ଇଦ୍‌କୋ ଟାୱାର, ସହିଦନଗର, ରୂପାଲି ଛକ ପାଖ, ଭୁବନେଶ୍ୱର, ଓଡ଼ିଶା |
| ଫୋନ୍ ନମ୍ବର | ୦୬୭୪-୬୧୭୫୨୦୦ |
| ତାରିଖ | ୨ ଜାନୁଆରୀ ୨୦୨୫ ରୁ ୧୮ ଜାନୁଆରୀ ୨୦୨୫ ପର୍ଯ୍ୟନ୍ତ |
| ସମୟ | ପୂର୍ବାହ୍ନ ୧୧ଟା ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ |

ଏହି ଚୟନ ପ୍ରକ୍ରିୟାରେ କୌଣସି ଏଜେନ୍ସିକୁ ନିୟୋଜିତ କରାଯାଇନାହିଁ। ଦଲାଲ ଓ ଏଜେଣ୍ଟଙ୍କ ପ୍ରତି ସାବଧାନ ରୁହନ୍ତୁ।



# ଭୁବନେଶ୍ୱର ସିଟି

ଆଜିଠୁ ପ୍ରବାସୀ ଭାରତୀୟ ସମ୍ମିଳନୀ

# ଶାନ୍ତିସ୍ତୂପ ଓ ନନ୍ଦନକାନନ ରାସ୍ତାରେ ଅଳିଆ ଗଦା





ଭୁବନେଶ୍ୱର, ୭।୧(ସମିସ): ବୁଧବାରଠାରୁ ଆରମ୍ଭ ହେବ ଅଷ୍ଟାଦଶ ପ୍ରବାସୀ ଭାରତୀୟ ସମ୍ମିଳନୀ। ପ୍ରଥମ ଥର ପାଇଁ ଓଡ଼ିଶାରେ ହେବାକୁ ଥିବା ଏହି ଅନ୍ତର୍ଜାତୀୟ ସମ୍ମିଳନୀରେ ୭୦୦୦ ପ୍ରତିନିଧି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏଥିପାଇଁ ଚାରିଆଡ଼େ ପ୍ରସ୍ତୁତି ମଧ ଶେଷ ପର୍ଯ୍ୟାୟରେ। ସହରର ପ୍ରମୁଖ ରାସ୍ତାଘାଟଠାରୁ ଆରମ୍ଭ କରି ଗଳିକନ୍ଦିକୁ ସୌନ୍ଦର୍ଯ୍ୟୀକରଣ କରାଯାଉଛି। ଏହାସହିତ ସହରକୁ ସ୍ୱଚ୍ଛ ଓ ପରିଷ୍କାର ରଖିବା ପାଇଁ ଦିନରାତି ସଫେଇ କର୍ମଚାରୀ କାମ କରୁଥିବା ଦେଖିବାକୁ ମିଳିଛି। କିନ୍ତୁ ପ୍ରଶାସନ ନଜର ଆଢୁଆଳରେ ରହିଯାଇଛି ଧଉଳି ଶାନ୍ତସ୍ତୂପ। ଏଠାକୁ ଯିବାକୁ ରହିଥିବା ରାସ୍ତାକଡ଼ରେ ଗଦା ହୋଇଛି କୁଢ଼ କୁଢ଼ ଆବର୍ଜନା। ଗୋଟେପଟେ ପ୍ରବାସୀଙ୍କୁ ଆକର୍ଷିତ କରିବାକୁ ସହରର ସୌନ୍ଦର୍ଯ୍ୟ ବୃଦ୍ଧି ଦିଗରେ ଅନେକ ପଦକ୍ଷେପ ନିଆଯାଉଥିବାବେଳେ ଶାନ୍ତିସ୍ତୂପ ପ୍ରତି କେମିତି ଅବହେଳା କରାଯାଉଛି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେହିପରି ନନ୍ଦନକାନନ ଯିବାକୁ ମୁଖ୍ୟ ରାସ୍ତାକଡ଼ରେ ଗଦା ହୋଇଛି ଆବର୍ଜନା। ଯାହାକି ଡମ୍ପିଂୟାର୍ଡର ଭ୍ରମ ସୃଷ୍ଟି କରିଛି।

ସିଙ୍ଗଲ ୟୁଜ୍ ପ୍ଲାଷ୍ଟିକ୍ ଓ ପଲିଥିନ୍‌ର ବହୁଳ ବ୍ୟବହାର ଆଜି ସାରା ବିଶ୍ୱରେ ବଡ଼ ଆହ୍ୱାନ ସୃଷ୍ଟି କରିଛି। ତେଣୁ ଏହାର ବ୍ୟବହାରକୁ ରୋକିବା ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ଗତବର୍ଷ ଆରମ୍ଭ ହୋଇଥିଲା 'ପ୍ଲାଷ୍ଟିକ୍‌ମୁକ୍ତ ପିକ୍‌ନିକ୍' ସଚେତନତା କାର୍ଯ୍ୟକ୍ରମ। ଏହା ଅଧୀନରେ ରାଜ୍ୟର ପ୍ରମୁଖ ପିକ୍‌ନିକ୍ ସ୍ଥାନଗୁଡ଼ିକୁ ପ୍ଲାଷ୍ଟିକ୍‌ମୁକ୍ତ କରିବା ଲାଗି ଛାତ୍ରଛାତ୍ରୀ, ଯୁବଗୋଷ୍ଠୀ ଓ ସାଧାରଣ ଲୋକଙ୍କ ଭିତରେ ସଚେତନତା କରାଯିବା ସହ ପିକ୍‌ନିକ୍ ବେଳେ ପୁନଃବ୍ୟହାରଯୋଗ୍ୟ ସାମଗ୍ରୀ ବ୍ୟବହାର କରିବା, ପରିବେଶକୁ କିପରି ସଫାସୁତରା ରଖିବା ପ୍ରତି ଧ୍ୟାନ ଦେବା, ପଲିଥିନ୍ ବଦଳରେ ଖଲିପତ୍ର ଏବଂ ଦନା ବ୍ୟବହାର କରିବା, ଟିସୁ ପେପର ବଦଳରେ କପଡ଼ା ରୁମାଲ ବା ଟାୱେଲ୍, କପଡ଼ା ବ୍ୟାଗ୍ ବ୍ୟବହାର, ଆବର୍ଜନାଗୁଡ଼ିକୁ ଏଣେତେଣେ ନ ପକାଇ ଡଷ୍ଟବିନ୍ ବ୍ୟବହାର କରିବାକୁ ସଚେତନତା ସୃଷ୍ଟି କରାଯାଇଥିଲା। କିନ୍ତୁ ଚଳିତ ବର୍ଷ ଏହି କଟକଣାକୁ କଡ଼ାକଡ଼ି କରା ନ ଯିବାରୁ ପର୍ଯ୍ୟଟନସ୍ଥଳୀରେ ଗଦା ହେଉଛି କୁଢ଼ କୁଢ଼ ଆବର୍ଜନା। ଯାହାକି କେବଳ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରୁନାହିଁ ବରଂ ପ୍ରବାସୀଙ୍କ ନିକଟରେ ଓଡ଼ିଶାର ଚିତ୍ରକୁ ଖରାପ କରୁଥିବା ବୁଦ୍ଧିଜୀବୀମାନେ କହିଛନ୍ତି।

## ନୂଆ ରୂପ ନେଇଛି ମନ୍ଦିରମାଳିନୀ; ଆବର୍ଜନା ପ୍ରତି କାହାର ଦୃଷ୍ଟି ପଡୁନି

ଶାନ୍ତିସ୍ତୂପ ପାର୍କଠାରୁ ମାତ୍ର କିଛି ଦୂରରେ ଦେଖିବାକୁ ମିଳିଛି ଏହି ଚିତ୍ର। ପ୍ଲାଷ୍ଟିକ୍ ବୋତଲଠାରୁ ଆରମ୍ଭ କରି ପଲିଥିନ୍, ପ୍ଲେଟ୍, କପ୍‌ର ପାହାଡ଼ ରହିଛି। ବର୍ଷବର୍ଷ ଧରି ଏଠାରେ ପଡ଼ି ରହୁଥିବା ଆବର୍ଜନାକୁ ସଫା କରାଯାଉ ନ ଥିବା ସହ ଏଠାକୁ ପର୍ଯ୍ୟଟକମାନେ କିଭଳି ଖୁଲମ୍‌ଖୁଲା ଭାବେ ପ୍ଲାଷ୍ଟିକ୍ ସାମଗ୍ରୀ ଗଦା ହୋଇଛି। ପ୍ରବାସୀମାନେ ଓଡ଼ିଶାର ବିଭିନ୍ନ ପର୍ଯ୍ୟଟନସ୍ଥଳୀ ସହ ସ୍ୱର୍ଣ୍ଣ ତ୍ରିଭୁଜ ଭାବେ ଅଭିହିତ ଭୁବନେଶ୍ୱର, ପୁରୀ, କୋଣାର୍କ, ଯାଜପୁର ପରି ବିଭିନ୍ନ ସହର ୩୧ଟି ପର୍ଯ୍ୟଟନସ୍ଥଳୀ ସାଙ୍ଗକୁ ଧଉଳି ଶାନ୍ତିସ୍ତୂପ, ଲିଙ୍ଗରାଜ ମନ୍ଦିର, ମୁକ୍ତେଶ୍ୱର ମନ୍ଦିର, ଖଣ୍ଡଗିରି, ଉଦୟଗିରି, ନନ୍ଦନକାନନ ମଧ ବୁଲିଯିବାର କାର୍ଯ୍ୟକ୍ରମ ରହିଛି।



## ସଜେଇ ହୋଇଛି ଶାନ୍ତିସ୍ତୂପ

ଧଉଳି, ୭।୧(ସମିସ): ବୁଧବାରଠାରୁ ଆରମ୍ଭ ହେବ ପ୍ରବାସ ଭାରତୀୟ ସମ୍ମିଳନୀ। ଭୁବନେଶ୍ୱର ଜନତା ମଇଦାନରେ ହେବାକୁ ଥିବା ଏହି ସମ୍ମିଳନୀ ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ବ୍ୟାପକ ବ୍ୟବସ୍ଥା କରାଯିବା ସହ ଓଡ଼ିଶାକୁ ସମଗ୍ର ବିଶ୍ୱରେ ବିଶ୍ୱବନ୍ଦିତ କରିବା ପାଇଁ ଚେଷ୍ଟା କରିଛନ୍ତି। ଏଥିପାଇଁ ରାଜଧାନୀ ଓ ଏହାର ଆଖପାଖ ପର୍ଯ୍ୟଟନ କ୍ଷେତ୍ରକୁ ସୌନ୍ଦର୍ଯ୍ୟକରଣ କରାଯାଇଛି। ଏହି ପରିପ୍ରେକ୍ଷୀରେ ବିଶ୍ୱ ଐତିହାସିକ ପର୍ଯ୍ୟଟନସ୍ଥଳୀ ଶାନ୍ତିସ୍ତୂପ ଧଉଳିକୁ ବିଭିନ୍ନ ଆଲୋକମାଳାରେ ସଜାଇ ଦିଆଯାଇଛି। ସ୍ତୂପ ଉପରକୁ ଯିବା ରାସ୍ତାର ଉଭୟ ପାର୍ଶ୍ୱରେ ହାତୀଗୁମ୍ଫା, ଅଶୋକ ସ୍ତମ୍ଭ, ଭଗବାନ ବୁଦ୍ଧଙ୍କ ମୂର୍ତ୍ତି, ଜାପାନୀ ମନ୍ଦିର ଆଦି ଧଉଳି ସମ୍ପର୍କିତ ଫଟୋ ହୋର୍ଡିଂ ଲଗାଯାଇଥିବାବେଳେ ଗଛମାନଙ୍କରେ ଚାନ୍ଦୁଆ ଲାଇଟ୍ ସ୍ତୂପକୁ ଅଧିକ ଆକର୍ଷଣ କରୁଛି। ସେହିପରି ଏଠାରେ ଓଡ଼ିଶା ଗ୍ରାମ୍ୟ ଉନ୍ନୟନ ବଜାର ସଂସ୍ଥା (ଓରମାସ) ପକ୍ଷରୁ ଓଡ଼ିଶା ପ୍ରସିଦ୍ଧ ବାଳକାଟିର କଂସାବାସନ ଶିଳ୍ପ ଓ ହସ୍ତଶିଳ୍ପ ବଜାର ଖୋଲା ଯାଇଥିବାବେଳେ ଏକ ଶସ୍ୟ ଜାତୀୟ ଦ୍ରବ୍ୟର ଷ୍ଟଲ୍ ଖୋଲାଯାଇଛି। ପ୍ରବାସୀ ଭାରତୀୟଙ୍କ ସାହାଯ୍ୟ ନିମନ୍ତେ ହେଲ୍ପଡେସ୍କ ଖୋଲାଯାଇଛି। ପ୍ରବାସୀ ଭାରତୀୟଙ୍କ ଆଗମନକୁ ଲକ୍ଷ୍ୟ ରଖି ପ୍ରଶାସନ ପକ୍ଷରୁ ଏଠାରେ ସ୍ଥାୟୀ ଦୋକାନ ବଜାର ୧୧ ତାରିଖ ଯାଏଁ ବନ୍ଦ କରାଯାଇଛି। ମଙ୍ଗଳବାର କେନ୍ଦ୍ର ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ସପତ୍ନୀକ ଧଉଳି ଭ୍ରମଣରେ ଆସିଥିଲେ। ସେଠାରେ ତାଙ୍କୁ ଧଉଳି କଳିଙ୍ଗ ନିପନ ବୁଦ୍ଧ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ମାର୍‌ପିଟ୍ ଘଟଣାରେ ଦୁଇ ଗିରଫ

ଭୁବନେଶ୍ୱର, ୭।୧(ସମିସ): ମାର୍‌ପିଟ୍ ଘଟଣାରେ ୨ଜଣଙ୍କୁ ଗିରଫ କରିଛି ମୈତ୍ରୀବିହାର ଥାନା ପୁଲିସ। ସେମାନେ ହେଲେ ଚନ୍ଦନ ବେହେରା ଓ କାହ୍ନୁଚରଣ ପାତ୍ର। ଧରାପଡ଼ିଥିବା ଦୁଇ ଅଭିଯୁକ୍ତ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗଣ୍ଡଗୋଳ ହୋଇଥିଲା। ଅଭିଯୁକ୍ତଙ୍କ ଆକ୍ରମଣରେ ଦୁଇ ଜଣ ବ୍ୟକ୍ତି ଲହୁଲୁହାଣ ହୋଇଥିଲେ। ଏନେଇ ଥାନାରେ ଅଭିଯୋଗ ହେବା ପରେ ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ମହାଲେଖାକାର ହେଲେ ଅତୁଲ ପ୍ରକାଶ



ଭୁବନେଶ୍ୱର, ୭।୧(ସମିସ): ଓଡ଼ିଶା ମହାଲେଖାକାର ଅଡିଟ୍-୨ର ମହାଲେଖାକାର ବିଶ୍ୱନାଥ ସିଂହ ଜାଡ଼ନ ସିଏଜିଙ୍କ ପ୍ରମୁଖ ନିର୍ଦ୍ଦେଶକ ତଥା ସଚିବ ଭାବେ ବଦଳି ହେବା ପରେ ତାଙ୍କ ସ୍ଥାନରେ ଭାରତୀୟ ଅଡିଟ୍ ଓ ଏକାଉଣ୍ଟସ୍ ୨୦୦୬ ବ୍ୟାଚ୍‌ର ଅତୁଲ ପ୍ରକାଶ ଯୋଗ ଦେଇଛନ୍ତି। ଶ୍ରୀ ପ୍ରକାଶ ଏହା ପୂର୍ବରୁ କୋଲକାତାସ୍ଥିତ ପଶ୍ଚିମବଙ୍ଗର ମହାଲେଖାକାର(ଲେଖା ଓ ହକଦାରୀ) କାର୍ଯ୍ୟାଳୟର ମହାଲେଖାକାର ଭାବେ କାର୍ଯ୍ୟ କରୁଥିଲେ। ସେ ନାଗାଲାଣ୍ଡ, ବିହାର, ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ ଓ ଦିଲ୍ଲୀର ବିଭିନ୍ନ କେନ୍ଦ୍ରୀୟ ଓ ରାଜ୍ୟ ଅଡିଟ୍ ଓ ଏକାଉଣ୍ଟସ୍ କାର୍ଯ୍ୟ କରିବାର ଅଭିଜ୍ଞତା ହାସଲ କରିଛନ୍ତି। ଏଥିସହ ସେ ବିଭିନ୍ନ ଦେଶରେ ଅନ୍ତର୍ଜାତୀୟ ସଂସ୍ଥା ୟୁନିସେଫ୍, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ, ଖାଦ୍ୟ ଓ କୃଷି ସଂଗଠନ ଓ ବିଭିନ୍ନ ଦେଶରେ ଥିବା ଭାରତୀୟ ଦୂତାବାସରେ ଅଡିଟ୍ କରିଛନ୍ତି। କୋଲକାତାସ୍ଥିତ ନିଟ୍ ଶିକ୍ଷାନୁଷ୍ଠାନରୁ ଇଲେକ୍ଟ୍ରିକାଲ ଓ ଇଲେକ୍ଟ୍ରୋନିକ୍ସ ଇଂଜିନିୟରିଂରେ ସ୍ନାତକ ପାଠ୍ୟକ୍ରମ ଶେଷ ପରେ ଭାରତୀୟ ଅଡିଟ୍ ଓ ଏକାଉଣ୍ଟସ୍ ସେବାରେ ଯୋଗଦାନ କରିଥିଲେ। ଓଡ଼ିଶା ବିଧାନସଭାରେ ଉପସ୍ଥାପିତ ହେବାକୁ ଥିବା ପରଫର୍ମାନ୍ସ ଓ କମ୍ପ୍ଲାଏନ୍ସ ରିପୋର୍ଟ ପ୍ରସ୍ତୁତି, ପବ୍ଲିକ ଏକାଉଣ୍ଟସ କମିଟରେ ଆଲୋଚିତ ହେବାକୁ ଥିବା ବିଷୟ ତାଙ୍କ ନିର୍ଦ୍ଦେଶାନୁସାରେ କରାଯିବ। ଏହାଛଡା ସରକାରୀ ଉଦ୍ୟୋଗ ଓ ନିଗମ ଅଡିଟ୍ ମଧ ତାଙ୍କ ଅଧୀନରେ କରାଯିବ।

## ପାର୍ଟ ପ୍ଲଟ୍ ରେଜିଷ୍ଟ୍ରେସନ ନେଇ ଦ୍ୱିତୀୟ ବୈଠକ

### ୫ ହଜାର ବର୍ଗଫୁଟ୍ ପର୍ଯ୍ୟନ୍ତ ଜମି ବିକ୍ରି ସମସ୍ୟାର ସମାଧାନ ହେବ

ଭୁବନେଶ୍ୱର, ୭।୧(ସମିସ): ପାର୍ଟ ପ୍ଲଟ୍ ବିକ୍ରି ସମ୍ପର୍କିତ ଦ୍ୱିତୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୫ ହଜାର ବର୍ଗଫୁଟ୍ ପର୍ଯ୍ୟନ୍ତ ଜମି ବିକ୍ରି ଉପରେ ସମସ୍ତ ପ୍ରକାର ଅସୁବିଧାକୁ ଦୂର କରାଯିବ। ଏହାସହିତ ବିଭିନ୍ନ ସମୟରେ ପ୍ଲଟିଂ କରି ଜମି ବିକ୍ରି କରିବା, ଏହାର ରେଜିଷ୍ଟ୍ରେସନ ଏବଂ ଆପାର୍ଟମେଣ୍ଟ ରେଜିଷ୍ଟ୍ରେସନ ସମ୍ପର୍କରେ କିଛି ନିଷ୍ପତ୍ତି ନିଆଯାଇଛି। ପର୍ଯ୍ୟାୟ କ୍ରମେ ଏହାର ସମାଧାନ ହେବ ବୋଲି କୁହାଯାଇଛି। ପ୍ରାରମ୍ଭରୁ ଏ ସମ୍ପର୍କିତ ଏକ ଡ୍ରାଫ୍ଟ ପ୍ରପୋଜାଲ ପ୍ରସ୍ତୁତ କରିବାକୁ ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗ ପ୍ରମୁଖ ଶାସନ ସଚିବଙ୍କୁ ଦାୟିତ୍ୱ ଦିଆଯାଇଛି। ପାର୍ଟ ପ୍ଲଟ୍ ବିକ୍ରି ଓ ରେଜିଷ୍ଟ୍ରେସନ ବନ୍ଦ ଥିଲାବେଳେ ମଧ ଏହାର ବିକ୍ରି ଏବଂ ରେଜିଷ୍ଟ୍ରେସନ ହୋଇଛି। ଏ ସମ୍ପର୍କିତ ଏକ ରିପୋର୍ଟ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ହସ୍ତଗତ ହୋଇଛି ବୋଲି ସେ କହିଛନ୍ତି। ଏଥିରେ ୩୧ଜଣ ଅଧିକାରୀଙ୍କ ନାମ ରହିଛି। ଯାଞ୍ଚ ବେଳେ ଯଦି ଏହା ଆଇନ୍‌ସମ୍ମତ ହୋଇ ନ ଥିବ କିମ୍ବା ମନ୍ଦ ଉଦ୍ଦେଶ୍ୟରେ କରାଯାଇଥିବ, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ଅନ୍ୟପକ୍ଷରେ ଏହାକୁ ନେଇ ଅନେକଗୁଡ଼ିଏ ଆଇନ ପ୍ରଣୟନ କରାଯାଇଛି। ଓଡିଏ ଆକ୍ଟ, ରେରା, ରିଜୋନାଲ ଇମ୍ପ୍ରୁଭ୍‌ମେଣ୍ଟ ଟ୍ରଷ୍ଟ ଆଇନ ରହିଛି। ଏମାନଙ୍କ ଧାରା ପରସ୍ପର ବିରୋଧୀ ହୋଇଯାଉଛନ୍ତି। ଯାହାଫଳରେ ଲୋକଙ୍କ ମନରେ ଦ୍ୱନ୍ଦ୍ୱ ବଢୁଛି। ଯେପରିକି ଓଡିଏ ଆଇନ ଧାରା ୧୫ ଏବଂ ୧୬ରେ ଅନେକଗୁଡ଼ିଏ ଦ୍ୱନ୍ଦ୍ୱ ରହିଛି। ସେହିପରି ଓଡିଏ ରୁଲ୍ସରେ ମଧ ଅନେକଗୁଡ଼ିଏ ଦ୍ୱନ୍ଦ୍ୱ ରହିଛି। ଯାହାର ସଂଶୋଧନର ଆବଶ୍ୟକତା ରହିଛି। ଏଭଳି ଦ୍ୱନ୍ଦ୍ୱ ଯୋଗୁଁ ୧୯୮୨ରୁ ଆରମ୍ଭ ହୋଇଥିବା ଏହି ବିବାଦ ଏବେ ଜଟିଳ ରୂପ ନେଇଛି। ଏଭଳି ଆଇନକୁ ସମାପ୍ତ କରାଯିବ। ସେହିପରି କେନ୍ଦ୍ରୀୟ ଆଇନ ସହ ତାରତମ୍ୟ ରକ୍ଷା କରାଯାଇ ଆଇନରେ ସଂଶୋଧନ କରାଯିବ। ବୈଠକରେ ରାଜସ୍ୱ, ନଗର ଉନ୍ନୟନ ବିଭାଗ ମନ୍ତ୍ରୀ, ବରିଷ୍ଠ ଅଧିକାରୀ ଏବଂ ରେରା ଅଧିକାରୀମାନେ ଉପସ୍ଥିତ ଥିଲେ।

## ଟ୍ୱିନ୍ ସିଟିର ପର୍ଯ୍ୟଟନସ୍ଥଳୀ ବୁଲିଲେ ବାରମ୍ବାର ଟିକଟ କରିବାକୁ ପଡ଼ିବନି

ଭୁବନେଶ୍ୱର, ୭।୧(ସମିସ): ଦେଶର ବିଭିନ୍ନ ମେଟ୍ରୋ ସିଟି ଭଳି ଟ୍ୱିନ୍ ସିଟ୍‌ରେ ମଧ ହପ୍ ଅନ୍ ହପ୍ ଅଫ୍ ବସ୍ ସେବା ଆରମ୍ଭ ହୋଇଛି। ଟ୍ୱିନ୍ ସିଟିର ୩ଟି ରୁଟ୍‌ରେ ଏହି ବସ୍ ସେବା ଉପଲବ୍ଧ ହେବ। ଗୋଟିଏ ରୁଟ୍‌ରେ ଭୁବନେଶ୍ୱର ରେଳ ଷ୍ଟେସନରୁ ଏହି ବସ୍ ବାହାରି ଓଡ଼ିଶା ରାଜ୍ୟ ସଂଗ୍ରହାଳୟ, ରାଜାରାଣୀ ମନ୍ଦିର, ମୁକ୍ତେଶ୍ୱର ମହାଦେବ ମନ୍ଦିର, ଲିଙ୍ଗରାଜ ମନ୍ଦିର, ଧଉଳି ଶାନ୍ତିସ୍ତୂପ, ଚଉଷଠୀ ଯୋଗିନୀ, ମେଘେଶ୍ୱର, ବ୍ରହ୍ମେଶ୍ୱର ଦେଇ ଭୁବନେଶ୍ୱର ରେଳ ଷ୍ଟେସନରେ ପହଞ୍ଚିବ। ସେହିପରି ଅନ୍ୟ ଏକ ରୁଟ୍‌ରେ ଭୁବନେଶ୍ୱର ରେଳ ଷ୍ଟେସନରୁ ବାହାରି ରାମ ମନ୍ଦିର, ରବୀନ୍ଦ୍ର ମଣ୍ଡପ, ଓଡ଼ିଶା ରାଜ୍ୟ ଆଦିବାସୀ ସଂଗ୍ରହାଳୟ, ଖଣ୍ଡଗିରି-ଉଦୟଗିରି, ବିଏସ୍ଏବିଟି, ଇସ୍କନ୍, ରିଜୋନାଲ ମ୍ୟୁଜିୟମ୍ ଅଫ୍ ନାଚୁରାଲ୍ ହିଷ୍ଟ୍ରୀ ଦେଇ ଭୁବନେଶ୍ୱର ରେଳ ଷ୍ଟେସନରେ ପହଞ୍ଚିବ। ତୃତୀୟ ରୁଟ୍‌ରେ ଯାତ୍ରୀ ଭୁବନେଶ୍ୱର ରେଳ ଷ୍ଟେସନରୁ ବାହାରି ରିଜୋନାଲ ମ୍ୟୁଜିୟମ୍ ଅଫ୍ ନାଚୁରାଲ୍ ହିଷ୍ଟ୍ରୀ, ନନ୍ଦନକାନନ, ସିଲ୍‌ଭର ସିଟି ବୋଟ୍ କ୍ଲବ୍, ଓଡ଼ିଶା ସାମୁଦ୍ରିକ ସଂଗ୍ରହାଳୟ, ବାରବାଟୀ ଦୁର୍ଗ, ଚଣ୍ଡୀ ମନ୍ଦିର ବୁଲି ଭୁବନେଶ୍ୱର ରେଳ ଷ୍ଟେସନରେ ପହଞ୍ଚି ପାରିବ। ଏହି ବସ୍ ସେବା ଦ୍ୱାରା ପର୍ଯ୍ୟଟକମାନଙ୍କୁ ବସ୍‌ରେ ପର୍ଯ୍ୟଟନସ୍ଥଳୀ ବୁଲିଲାବେଳେ ଆଉ ବାରମ୍ବାର ଟିକଟ କରିବା ଚିନ୍ତା ରହିବ ନାହିଁ। ଗୋଟିଏ ପାସ୍ କରିଦେଲେ ଦିନ ତମାମ ସବୁ ପର୍ଯ୍ୟଟନସ୍ଥଳୀକୁ ଯାତ୍ରା କରିପାରିବେ। ଯେଉଁ ସମୟରେ ଯେକୌଣସି ବସ୍‌ରେ ପାସ୍ ଦେଖାଇ ଯାତ୍ରା କରିପାରିବେ।

## ବିକଶିତ ଭାରତ ଗଠନରେ ଯୁବସମୁଦାୟର ଭୂମିକା ଗୁରୁତ୍ୱପୂର୍ଣ୍ଣ: ରାଜ୍ୟପାଳ



ଭୁବନେଶ୍ୱର, ୭।୧(ସମିସ): ଚଳିତ ମାସରେ ନୂଆଦିଲ୍ଲୀଠାରେ ଆୟୋଜିତ ହେବାକୁ ଥିବା ଜାତୀୟ ଯୁବ ଉତ୍ସବରେ ଅଂଶ ଗ୍ରହଣ କରୁଥିବା ୭୫ ଜଣିଆ ଓଡ଼ିଶା ଯୁବ ପ୍ରତିନିଧି ଦଳର ସଫଳତା କାମନା କରିଛନ୍ତି ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି। ମଙ୍ଗଳବାର କଳିଙ୍ଗ ଷ୍ଟାଡିୟମ୍‌ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଶା ରାଜ୍ୟ ଯୁବ ପ୍ରତିନିଧି ଦଳକୁ ସମ୍ବୋଧିତ କରି ସେମାନେ ଗର୍ବ ସହକାରେ ଦୃଢ଼ ମନୋବଳ ନେଇ ଜାତୀୟ ଯୁବ ଉତ୍ସବରେ ଅଂଶ ଗ୍ରହଣ କରି ରାଜ୍ୟ ତଥା ଦେଶକୁ ଗୌରବାନ୍ୱିତ କରିବାକୁ ରାଜ୍ୟପାଳ ଅନୁପ୍ରେରିତ କରିଥିଲେ। ଉଦ୍‌ବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ ବିକଶିତ ଭାରତ ଏକ ପରିକଳ୍ପନା ନୁହେଁ, ବରଂ ଏହା ଏକ ସାମୂହିକ ଅଭିଯାନ। ଭାରତ ସ୍ୱାଧୀନତାର ୧୦୦ ବର୍ଷ ପୂରଣ ପରିପ୍ରେକ୍ଷୀରେ ୨୦୪୭ ସୁଦ୍ଧା ଆମେ ବିକଶିତ ଭାରତ ଆଡ଼କୁ ଗତି କରୁଛୁ। ଏକ ବିକଶିତ ଭାରତ ପାଇଁ ଯୁବ ସମୁଦାୟଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ରାଜ୍ୟପାଳ କହିଛନ୍ତି। କାର୍ଯ୍ୟକ୍ରମରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ବକ୍ତବ୍ୟ ପ୍ରଦାନ କରି ଯୁବ ପ୍ରତିନିଧି ଦଳକୁ ଉତ୍ସାହିତ କରିଥିଲେ। କ୍ରୀଡ଼ା ଓ ଯୁବ ସେବା ବିଭାଗର ପ୍ରମୁଖ ଶାସନ ସଚିବ ଭାସ୍କରଜ୍ୟୋତି ଶର୍ମା ସ୍ୱାଗତ ଭାଷଣ ଦେଇଥିବାବେଳେ କ୍ରୀଡ଼ା ଓ ଯୁବସେବା ବିଭାଗ ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଅନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟ ଉତ୍ସବ ଆରମ୍ଭ



ଭୁବନେଶ୍ୱର, ୭।୧(ସମିସ): ରାଜ୍ୟ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ଦ୍ୱାରା ଅନ୍ତର୍ଜାତୀୟ ଓଡିଶୀ ନୃତ୍ୟ ଉତ୍ସବ ରବୀନ୍ଦ୍ର ମଣ୍ଡପରେ ଆୟୋଜିତ ହୋଇଛି। ଏହି ପାଞ୍ଚଦିନିଆ ନୃତ୍ୟ କାର୍ଯ୍ୟକ୍ରମରେ ଦେଶ ବିଦେଶ ତଥା ରାଜ୍ୟର ପ୍ରାୟ ୩୫୦ରୁ ଅଧିକ କଳାକାର ଯୋଗ ଦେଉଛନ୍ତି। ଉଦ୍‌ଘାଟନୀ ସନ୍ଧ୍ୟାରେ ଅତିଥି ଭାବେ ସଙ୍ଗୀତ ବିଶାରଦ ଶ୍ୟାମାମଣୀ ଦେବୀ, ସଂସ୍କୃତ ବିଶାରଦ ପ୍ରଫେସର ପ୍ରଫୁଲ୍ଲ ମିଶ୍ର, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଯୁଗ୍ମ ଶାସନସଚିବ ଦେବପ୍ରସାଦ ଦାଶ ଓ ଓଡ଼ିଶୀ ଗବେଷଣା କେନ୍ଦ୍ରର ପ୍ରଶାସନିକ ଅଧିକାରୀ ଅନୁଜା ତାରିଣୀ ମିଶ୍ର ଯୋଗ ଦେଇଥିଲେ। ପ୍ରଥମେ ଏକକ ନୃତ୍ୟ ପର୍ଯ୍ୟାୟରେ ନୃତ୍ୟଶିଳ୍ପୀ କୁମ୍‌କୁମ୍ ମହାନ୍ତିଙ୍କ ଦ୍ୱାରା ପ୍ରଥମେ ଶ୍ରୀରାମ ବନ୍ଦନା ପରେ ପରେ ଗୀତଗୋବିନ୍ଦରୁ ଉଦ୍ଧୃତ ଅଷ୍ଟପଦୀ ୟାମୀ ହେ ପରିବେଷିତ ହୋଇଥିଲା। ପରେ ପରେ ସୌମ୍ୟା ବୋଷଙ୍କ ଦ୍ୱାରା ଅଭିନୟ କେଡ଼େ ଛନ୍ଦ ଜାଣେ ଲୋ ସହି ଏବଂ ହଂସକଲ୍ୟାଣୀ ପଲ୍ଲବୀ ଶିଳ୍ପୀଙ୍କ ଦ୍ୱାରା ପରିବେଷିତ ହୋଇଥିଲା।

### ବିଏମ୍‌ସି ପକ୍ଷରୁ ରମାଦେବୀରେ ସିଟି ଆକ୍ଟିଭେସନ କାର୍ଯ୍ୟକ୍ରମ

## କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କଲେ ମେୟର



ଭୁବନେଶ୍ୱର, ୭।୧(ସମିସ): ବିଏମ୍‌ସି ପକ୍ଷରୁ ମଙ୍ଗଳବାର ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ପରିସରରେ ସିଟି ଆକ୍ଟିଭେସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ମେୟର ସୁଲୋଚନା ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ପ୍ରବାସୀ ଭାରତୀୟଙ୍କୁ ସ୍ୱାଗତ ଜଣାଇବା ପାଇଁ ମହାନଗର ଅଞ୍ଚଳରେ ଥିବା ଶତାଧିକ ବିଦ୍ୟାଳୟ, ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟର ବିଭିନ୍ନ କାର୍ଯ୍ୟକ୍ରମ ନୃତ୍ୟ, ସଙ୍ଗୀତ, କୁଇଜ୍, ରାମ୍ପ ୱାକ୍, ଚିତ୍ରାଙ୍କନ, ବକ୍ତୃତା ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଡିସେମ୍ବର ୨୧ରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତା ଜାନୁଆରୀ ୪ରେ ଶେଷ ହୋଇଥିଲା। ଏଥିରେ ସହରର ମୋଟ ୧୯୩ଟି ବିଦ୍ୟାଳୟର ୧୧୨୩ ଜଣ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ୨୮ ଜଣ କୃତିତ୍ୱ ହାସଲ କରିଥିଲେ। ସେହିପରି ତିନିଟି ବିଶ୍ୱବିଦ୍ୟାଳୟ ଯଥା- ଉତ୍କଳ, ରମାଦେବୀ ଏବଂ ସୂଚନା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟର ୭୫୦ ଜଣ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ବିଭିନ୍ନ ବିଭାଗରେ ୧୨ ଜଣ କୃତିତ୍ୱ ହାସଲ କରିଛନ୍ତି। ୫ଟି ଆଇଟି କମ୍ପାନୀର ୬୩୦ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ୨୫ ଜଣ ବିଭିନ୍ନ ବିଭାଗରେ କୃତିତ୍ୱ ହାସଲ କରିଛନ୍ତି। ଏହି ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ପ୍ରବାସୀ ଭାରତୀୟ ଦିବସ-୨୦୨୫ ଉପଲକ୍ଷେ ମଙ୍ଗଳବାର ପୁରସ୍କୃତ କରାଯାଇଛି। ଏହା ସହ ରମାଦେବୀରେ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ ଅନୁଷ୍ଠିତ ହୋଇଥିଲା। ସଙ୍ଗୀତ ଓ ନୃତ୍ୟର ତାଳେ ତାଳେ ଉପସ୍ଥିତ ଦର୍ଶକ ଝୁମିଥିଲେ।

## ଖଣ୍ଡଗିରି ଗୁମ୍ଫା ବିକାଶ ଚୂଡ଼ାନ୍ତ ପାଇଁ ୪ ସପ୍ତାହ ସମୟ ନେଲେ ସରକାର

କଟକ, ୭।୧(ସମିସ): ଖଣ୍ଡଗିରି ପାହାଡ ଉପର ଗୁମ୍ଫା ଓ ପାରିପାର୍ଶ୍ୱିକ ସ୍ଥାନ ଜବରଦଖଲ ପ୍ରସଂଗକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରିଆସୁଛନ୍ତି। ଏଠାରେ ଜବରଦଖଲକାରୀଙ୍କୁ ଉଚ୍ଛେଦ ସମ୍ପର୍କରେ ଅଦ୍ୟାବଧି ସତ୍ୟପାଠ ଦାଖଲ କରାଯାଇନଥିବାରୁ ଆସନ୍ତା ଗୁରୁବାର ସୁଦ୍ଧା ସତ୍ୟପାଠ ଦାଖଲ କରିବାକୁ ଆଜି ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂହ ଓ ଜଷ୍ଟିସ ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ଖଣ୍ଡଗିରି ଉଦୟଗିରି ଦିଗମ୍ବର ଜୈନ ସିଦ୍ଧ କ୍ଷେତ୍ର ପକ୍ଷରୁ ରୁଜୁ ଜନସ୍ୱାର୍ଥ ମାମଲାର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଅନ୍ୟପଟରେ ଏହି ଗୁମ୍ଫାର ବିକାଶ ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ଯୋଜନା କରୁଛନ୍ତି। ଏଣୁ ଏହାର ରୂପରେଖ ଚୂଡାନ୍ତ ପାଇଁ ଆଉ ୪ସପ୍ତାହ ସମୟ ଆବଶ୍ୟକ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ଅଦାଲତଙ୍କୁ ଅବଗତ କରାଯାଇଥିଲା। କେନ୍ଦ୍ର ସରକାର, ଏଏସଆଇ ସହ ସମନ୍ୱୟ ରଖି ଏହି ଯୋଜନା ପ୍ରସ୍ତୁତ କରାଯିବ। ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସଆଇ) ପକ୍ଷରୁ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଜବରଦଖଲକାରୀଙ୍କୁ ସାନି ନୋଟିସ ଦିଆଯାଇଥିଲା। ଏଏସଆଇ ଦେଇଥିବା ନୋଟିସର ୧୫ଦିନିଆ ଅବଧି ପୂର୍ଣ୍ଣ ହୋଇଥିବା ବେଳେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯିବ ବୋଲି ଏଏସଆଇ ପକ୍ଷରୁ ଅଦାଲତଙ୍କୁ ଅବଗତ କରାଯାଇଥିଲା।

## ପର୍ଯ୍ୟଟକ ଥାନା ସମ୍ମୁଖରେ ଟିକଟ୍ କାଉଣ୍ଟର



ଧଉଳି, ୭।୧(ସମିସ): ଐତିହାସିକ ପର୍ଯ୍ୟଟନସ୍ଥଳୀ ଶାନ୍ତିସ୍ତୂପ ଧଉଳିକୁ ବୁଲିବାକୁ ଆସୁଥିବା ପର୍ଯ୍ୟଟକଙ୍କ ସୁରକ୍ଷା ନିମନ୍ତେ ଶୌଚାଳୟ ନିକଟରେ ଦୀର୍ଘ ବର୍ଷ ତଳେ ପର୍ଯ୍ୟଟକ ଥାନା ନିର୍ମାଣ କରାଯାଇଥିଲା। ଏଠାରେ ଜଣେ ଉପ ଆରକ୍ଷୀ ସମେତ ୩ରୁ ୪ ଜଣ ହୋମ୍‌ଗାର୍ଡ ନିଯୁକ୍ତି ପାଇବା ନିମନ୍ତେ ବ୍ୟବସ୍ଥା କରାଯାଇଥିଲା। ଏଥିପାଇଁ ଆବଶ୍ୟକୀୟ ଉପକରଣ ଯୋଗାଇ ଦିଆଯିବା ସହ ଫଳକ ମଧ ଲଗାଯାଇଥିଲା। ମାତ୍ର କମିସନରେଟ୍ ପୁଲିସ ଓ ପର୍ଯ୍ୟଟନ ବିଭାଗର ଆନ୍ତରିକତା ଅଭାବରୁ ଏହା ଆଜି ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇପାରିଲା ନାହିଁ। କାର୍ଯ୍ୟକ୍ଷମ ନ ହେବାରୁ ଏହାର ସୁଯୋଗ ନେଇ ଉକ୍ତ ଥାନା ସମ୍ମୁଖରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ଧଉଳି ଲାଇଟ୍ ଆଣ୍ଡ ସାଉଣ୍ଡ କାର୍ଯ୍ୟକ୍ରମର ଟିକଟ୍ କାଉଣ୍ଟର ଖୋଲାଯାଇଛି। ଏଥିପାଇଁ ଏକ କଣ୍ଟେନର (ଅସ୍ଥାୟୀ ଗୃହ) ଉକ୍ତ ଥାନା ଆଗରେ ରଖାଯାଇଛି। ଥାନା ଆଗରେ ଲାଗିଥିବା ସୂଚନାଫଳକକୁ ହଟାଇ ସେଠାରେ ଏହି କଣ୍ଟେନର ରଖିଛନ୍ତି। ଯାହାକି ପର୍ଯ୍ୟଟକଙ୍କ ନିମନ୍ତେ ଉଦ୍ଦିଷ୍ଟ ଥାନାକୁ ଅସୁନ୍ଦର କରୁଛି। ପର୍ଯ୍ୟଟନ ବିଭାଗର ଏହି ମନମୁଖୀ କାର୍ଯ୍ୟକୁ ନେଇ ପର୍ଯ୍ୟଟକଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ଦେଖାଦେଇଛି। କାହା ନିର୍ଦ୍ଦେଶରେ ଏଭଳି କରାଯାଉଛି ତାହା ସବୁଠାରୁ ବଡ଼ ପ୍ରଶ୍ନ। ଅପରପକ୍ଷରେ ମଙ୍ଗଳବାର ଧଉଳି ଥାନା ପୁଲିସ ଲୋକଙ୍କଠାରୁ ଖବରପାଇ ଏହି ଘଟଣା ଦେଖିବା ପରେ ଅସନ୍ତୋଷ ପ୍ରକାଶ କରିବା ସହ ପର୍ଯ୍ୟଟନ ଅଧିକାରୀଙ୍କୁ ଅବଗତ କରାଇଥିଲେ। ମାତ୍ର ପର୍ଯ୍ୟଟନ ଅଧିକାରୀ ଏହାକୁ କର୍ଣ୍ଣପାତ କରିନଥିଲେ। ଏହାକୁ ନେଇ ଥାନା ପୁଲିସ କ୍ଷୁବ୍ଧ ହୋଇଥିଲେ। ଏନେଇ ପର୍ଯ୍ୟଟନ ଅଧିକାରୀଙ୍କ ସହ ଯୋଗାଯୋଗ କରିଥିଲେ ମଧ କୌଣସି ଉତ୍ତର ମିଳିନଥିଲା।



# ପୁରୀର ଅନୁଭୂତି ଦେଉଛି ଶ୍ରୀଜଗନ୍ନାଥ ଚେତନା ମହୋତ୍ସବ

## ଗୋଟିଏ ସ୍ଥାନରେ ଜଗନ୍ନାଥଙ୍କ ବିଭିନ୍ନ ବେଶ ଦେଖି ଭାବବିହ୍ୱଳ ହେଲେ ଭକ୍ତ

ଭୁବନେଶ୍ୱର, ୭।୧(ସମିସ): ପୁରୀର ଭବ୍ୟ ଅନୁଭୂତି ଏବେ ରାଜଧାନୀରେ ମିଳୁଛି। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ୨୪ ପ୍ରକାର ବେଶ, ଅପୂର୍ବ ୫୬ ଭୋଗ, ଶ୍ରୀଅଙ୍ଗ ଲାଗି ବସ୍ତ୍ର ପୁଷ୍ପ ଆଭୂଷଣ ଆଦି ପ୍ରଦର୍ଶିତ ହେଉଛି। ଯାହା ପୁରୀଠୁ କମ୍ ଅନୁଭୂତି ଦେଉନି। ସେଥିପାଇଁ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସି ଏଠାରେ ଲୋକ ମହୋତ୍ସବ ପରିଭ୍ରମଣ କରୁଛନ୍ତି। ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ସିଏସ୍ଆଇଆର୍-ଆଇଏମ୍ଏମ୍ଟି ପରିସରରେ ତିନି ଦିନିଆ 'ଅନ୍ତର୍ଜାତୀୟ ଶ୍ରୀଜଗନ୍ନାଥ ଚେତନା ମହୋତ୍ସବ-୨୦୨୫' ଅନୁଷ୍ଠିତ ହେଉଛି। ଏହି ଅବସରରେ ଆୟୋଜିତ ପ୍ରଦର୍ଶନୀରେ ମହାପ୍ରଭୁଙ୍କ ଦିବ୍ୟ ଦର୍ଶନ ପ୍ରତି ବେଶର ବିଶେଷତ୍ୱ ଓ ମହତ୍ୱ ଏବଂ କେବେ ପାଳନ ହୁଏ ସେ ବିଷୟରେ ସେଠାରେ ଲେଖା ଥିବା ଦେଖିବାକୁ ମିଳୁଛି। ଗୋଟିଏ ସ୍ଥାନରେ ମହାପ୍ରଭୁଙ୍କ ସମସ୍ତ ବେଶକୁ ଦେଖି ଭକ୍ତମାନେ ଭାବବିହ୍ୱଳ ହେଉଛନ୍ତି। ଯେପରି ପ୍ରଲମ୍ବାସୁର ବଧ ବେଶ, ଶ୍ରାଦ୍ଧ ବେଶ, ଲକ୍ଷ୍ମୀ ନୃସିଂହ ବେଶ, ନବାଙ୍କ ବେଶ, କାଳୀୟଦଳନ ବେଶ, ବଡ଼ ସିଂହାର ବେଶ ସମେତ ମୋଟ ୨୪ ବେଶ ପ୍ରଦର୍ଶିତ ହେଉଛି। ଜଗନ୍ନାଥ ସଂସ୍କୃତିର ପ୍ରଚାରପ୍ରସାର ସହ ଜଗନ୍ନାଥଙ୍କ ବହୁ ଗୁପ୍ତ ଓ ରହସ୍ୟମୟ ବିଷୟକୁ ମଧ୍ୟ ଏଠାରେ ଆଲୋଚନା କରାଯାଉଛି। କେବଳ ସେତିକି ନୁହେଁ ମହୋତ୍ସବ ପରିସରରେ ଆଦିଗୁରୁ ଶଙ୍କରାଚାର୍ଯ୍ୟଙ୍କ ସମେତ ଶ୍ରୀ ଚୈତନ୍ୟ, ଅଚ୍ୟୁତନନ୍ଦ, ସନ୍ଥ ଭୀମଭୋଇ, ବଲ୍ଲଭାଚାର୍ଯ୍ୟ, ବଳରାମ ଦାସ, ଯଶୋବନ୍ତ ଦାଶ, ଜଗନ୍ନାଥ ଦାସ ଆଦି ପ୍ରାଚୀନ ସାଧୁସନ୍ଥଙ୍କ ଫଟୋଚିତ୍ର ମଧ୍ୟ ପ୍ରଦର୍ଶନୀର ଏକ ଅଂଶ ରହିଛି। ଆହୁରି ମଧ୍ୟ ମହାପ୍ରଭୁଙ୍କ ୫୬ ଭୋଗକୁ ଏକ ସ୍ୱତନ୍ତ୍ର ଷ୍ଟଲ୍ ମାଧ୍ୟମରେ ଶ୍ରଦ୍ଧାଳୁଙ୍କ ଜାଣିବା ପାଇଁ ପ୍ରଦର୍ଶିତ କରାଯାଉଛି।





### ପ୍ରଭୁ ଶ୍ରୀଜଗନ୍ନାଥ ହିଁ ଓଡ଼ିଶା ଏବଂ ଓଡ଼ିଆର ସର୍ବଶ୍ରେଷ୍ଠ ପରିଚିତ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୭।୧(ସମିସ): ପ୍ରଭୁ ଶ୍ରୀଜଗନ୍ନାଥ ହିଁ ଓଡ଼ିଶା ଏବଂ ଓଡ଼ିଆର ସର୍ବଶ୍ରେଷ୍ଠ ପରିଚିତ। ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ଓଡ଼ିଆ ଜାତିର ସାମାଜିକ, ସାଂସ୍କୃତିକ ତଥା ରାଜନୈତିକ ଚେତନାର ପ୍ରତିଭୂ। ଜଗନ୍ନାଥ ସଂସ୍କୃତିକୁ ବଞ୍ଚାଇ ରଖିବା ଆମ ସମସ୍ତଙ୍କର କେବଳ ଦାୟିତ୍ୱ ନୁହେଁ, ଏହାର ପ୍ରଚାରପ୍ରସାର ପାଇଁ ସମସ୍ତେ କାର୍ଯ୍ୟ କରିବା ଆବଶ୍ୟକ ବୋଲି 'ଅନ୍ତର୍ଜାତୀୟ ଶ୍ରୀଜଗନ୍ନାଥ ଚେତନା ମହୋତ୍ସବ-୨୦୨୫'ରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି। ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ସିଏସ୍ଆଇଆର୍-ଆଇଏମ୍ଏମ୍ଟି ପରିସରରେ ତିନିଦିନିଆ ଆନ୍ତର୍ଜାତିକ ଶ୍ରୀଜଗନ୍ନାଥ ଚେତନା ମହୋତ୍ସବ ଆୟୋଜିତ ହେଉଛି। ଏହି ମହୋତ୍ସବରେ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମଠାଧୀଶମାନଙ୍କୁ ସମ୍ବର୍ଦ୍ଧିତ କରି ଆଶୀର୍ବାଦ ନେଇଛନ୍ତି। କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଆଇଏମ୍ଏମ୍ଟିର ନିର୍ଦ୍ଦେଶକ ଡ. ରାମାନୁଜ ନାରାୟଣ ଯୋଗଦେଇଥିଲେ। ମହୋତ୍ସବ କମିଟି ଅଧ୍ୟକ୍ଷ ସୁଦର୍ଶନ ନାୟକ ସ୍ୱାଗତଭାଷଣ ଦେଇଥିଲାବେଳେ ସଂଗଠନ ମନ୍ତ୍ରୀ କରୁଣାକର ପ୍ରଧାନ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ସାଧୁସନ୍ଥ, ଗବେଷକ ତଥା ଜଗନ୍ନାଥ ପ୍ରେମୀ ଯୋଗଦେଇଥିଲେ।

### ପ୍ରବାସୀ ଭାରତୀୟଙ୍କ ପାଇଁ ଓମ୍ଫେଡ୍ ପକ୍ଷରୁ ବ୍ୟାପକ ଆୟୋଜନ

## ବିଭିନ୍ନ ସ୍ଥାନରେ ଖୋଲିଛି ୨୧ଟି ଷ୍ଟଲ୍ ଓ ପ୍ରଦର୍ଶନୀ

ଭୁବନେଶ୍ୱର, ୭।୧(ସମିସ): ଭାରତୀୟଙ୍କ ପାଖରେ ଓମ୍ଫେଡ୍ ଉତ୍ପାଦ ପହଞ୍ଚାଇବା ପାଇଁ ଓମ୍ଫେଡ୍ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରବାସୀ ଭାରତୀୟମାନଙ୍କୁ ଭୁବନେଶ୍ୱର, ପୁରୀ, କଟକ ଓ ଏହାର ଆଖପାଖ ଅଞ୍ଚଳରେ ଥିବା ବିଭିନ୍ନ ଦର୍ଶନୀୟସ୍ଥାନ ବୁଲାଇବାର ବ୍ୟବସ୍ଥା କରାଯାଇଛି। ଯେଉଁ ପର୍ଯ୍ୟଟନସ୍ଥଳଗୁଡ଼ିକୁ ପ୍ରବାସୀ ଭାରତୀୟମାନେ ଯିବେ, ସେ ସ୍ଥାନରେ ଓମ୍ଫେଡ୍ ଉତ୍ପାଦ ପ୍ରଦର୍ଶନ କରିବା ସହ ବିକ୍ରି ପାଇଁ ମଧ୍ୟ ସମସ୍ତ ବ୍ୟବସ୍ଥା କରାଯାଇଛି। ଭୁବନେଶ୍ୱର ସମେତ ପୁରୀ ଓ କଟକରେ ୨୧ଟି ଷ୍ଟଲ୍ ଖୋଲାଯାଇଛି। ସେଥିମଧ୍ୟରୁ ଲିଙ୍ଗରାଜ ମନ୍ଦିର, ଖଣ୍ଡଗିରି, ମୁକ୍ତେଶ୍ୱର ମନ୍ଦିର, ରାଜାରାଣୀ ମନ୍ଦିର ପ୍ରାଙ୍ଗଣ, କଳାଭୂମି, ନନ୍ଦନକାନନ, ପୁରୀର ମହାପ୍ରଭୁ ଜଗନ୍ନାଥଙ୍କ ମନ୍ଦିର ପାଖ, ସାତପଡ଼ା, କୋଣାର୍କ, ରାମଚଣ୍ଡୀଙ୍କ ମନ୍ଦିର ପାଖ, ରଘୁରାଜପୁର, ବ୍ଲୁ ଫ୍ଲାଗ ବିଚ୍ ଏବଂ କଟକ ଓ ଯାଜପୁର ଜିଲ୍ଲାର ମାରିଟାଇମ୍ ମ୍ୟୁଜିୟମ୍ ଏବଂ ସିଲ୍ଭର ସିଟି ବୋଟ୍ କ୍ଲବ୍‌ରେ ଷ୍ଟଲ୍ ଖୋଲାଯାଇଛି। ଏହା ବ୍ୟତୀତ ଏକାମ୍ର ଉତ୍ସବ ଅବସରରେ ମଧୁସୂଦନ ପାର୍କ, ଇନ୍ଦିରା ଗାନ୍ଧୀ ପାର୍କ, ବୁଦ୍ଧ ଜୟନ୍ତୀ ପାର୍କ, ଫରେଷ୍ଟ ପାର୍କ ଏବଂ ଏପିଜେ ଅବ୍ଦୁଲ୍ କାଲାମ ପାର୍କରେ ପ୍ରଦର୍ଶନୀ ସହ ବିକ୍ରି ପାଇଁ ଷ୍ଟଲ୍ ଖୋଲାଯାଇଛି। ରାଜ୍ୟ ବାହାରୁ ଆସୁଥିବା ପ୍ରବାସୀ ଭାରତୀୟମାନଙ୍କୁ ସ୍ୱାଗତ ଓ ଅଭିନନ୍ଦନ ଜଣାଇବା ସହ ତାଙ୍କ ନିକଟରେ ଓଡ଼ିଆ ଅସ୍ମିତାର ପ୍ରତୀକ ଓମ୍ଫେଡ୍‌ର ପ୍ରତ୍ୟେକ ଉତ୍ପାଦ ପହଞ୍ଚାଇବା ପାଇଁ ଆମେ ପ୍ରୟାସ କରିଛୁ ବୋଲି କହିଛନ୍ତି ଓମ୍ଫେଡ୍‌ର ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେ।

## 'ଅଦୃଶ୍ୟ'ର ଟ୍ରେଲର ରିଲିଜ୍; ୧୭ରେ ମୁକ୍ତିଲାଭ



ଭୁବନେଶ୍ୱର, ୭।୧(ସମିସ): ମା' ଗାୟତ୍ରୀ ଫିଲ୍ମସ୍ ପ୍ରସ୍ତୁତ ସସ୍ପେନ୍ସ ତଥା ଥ୍ରୀଲର ଓ କମେଡ଼ିରେ ଭରା ନୂଆ ଓଡ଼ିଆ ଚଳଚ୍ଚିତ୍ର 'ଅଦୃଶ୍ୟ'ର ଟ୍ରେଲର ରିଲିଜ୍ ହୋଇଯାଇଛି। ଏହି ଟ୍ରେଲର ରିଲିଜ୍ ଅବସରରେ ପ୍ରଯୋଜକ ସୁନନ୍ଦା ସାହୁ, ରାଜେଶ ଅଗ୍ରୱାଲ, ନିର୍ଦ୍ଦେଶକ ସତ୍ୟ ନାରାୟଣ ସାହୁ, ମିଡିଆ ପ୍ଲାନର କ୍ରିଏଟିଭ୍ ମୁଖ୍ୟ ପ୍ରଣୟ ଜେଠୀ, ନାୟିକା ଲିପ୍ସା ମିଶ୍ର, ଅଭିନେତା ଜୀବନ ପଣ୍ଡା, ଅନନ୍ତ ମିଶ୍ର, ଅରବିନ୍ଦ ଜେନା, ପ୍ରଦୀପ ଦେବତା, କୁସୁମ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। 'ଅଦୃଶ୍ୟ'ର କାହାଣୀ, ଚିତ୍ରନାଟ୍ୟ, ସଂଳାପ ରଚନା ସହିତ ନିର୍ଦ୍ଦେଶନା ଦାୟିତ୍ୱ ନେଇଛନ୍ତି ସତ୍ୟ ନାରାୟଣ ସାହୁ। ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ମଳୟ ମିଶ୍ର ଏବଂ କଣ୍ଠଦାନ କରିଛନ୍ତି ଇରା ମହାନ୍ତି, ସ୍ୱୟଂ ପାଢ଼ୀ ଓ ସତ୍ୟଜିତ୍ ପ୍ରଧାନ। ନୃତ୍ୟ ନିର୍ଦ୍ଦେଶନା ଦେଇଛନ୍ତି ଲୁବୁନ୍ ଟୁବୁନ୍। ମୁଖ୍ୟ ଚରିତ୍ରରେ ଅଭିଷେକ ଗିରି, ସାୟଲ ମୁଖାର୍ଜୀ, ଲିପ୍ସା ମିଶ୍ର, ଚୌଧୁରୀ ଜୟପ୍ରକାଶ ଦାସ, ଜୀବନ ପଣ୍ଡା, ଅନନ୍ତ ମିଶ୍ର, ନୀଳମଣି ସାହୁ ପ୍ରମୁଖ ଅଭିନୟ କରିଛନ୍ତି।

## ପ୍ରବାସୀଙ୍କ ପାଇଁ ନନ୍ଦନକାନନ ପରିସର ସଫେଇ

ନନ୍ଦନକାନନ, ୭।୧(ସମିସ): ୮ରୁ ୧୦ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର ଜନତା ମଇଦାନରେ ୧୮ତମ ପ୍ରବାସୀ ଭାରତୀୟ ଦିବସ ପାଳନ ହେବ। ଏନେଇ ବିଭିନ୍ନ ପର୍ଯ୍ୟଟନସ୍ଥଳୀ ପ୍ରବାସୀ ଭାରତୀୟମାନେ ଭ୍ରମଣ କରିବାର କାର୍ଯ୍ୟକ୍ରମ ରହିଛି। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର ଉତ୍ତର ବିଜେପି ପକ୍ଷରୁ ପୂର୍ବତନ ଜିଲ୍ଲା ପରିଷଦ ତଥା ବିଜେପି ଯୁବନେତା କୁନାଲ ରାଉତଙ୍କ ନେତୃତ୍ୱରେ ନନ୍ଦନକାନନ ପ୍ରାଣୀଉଦ୍ୟାନ ମୁଖ୍ୟ ପ୍ରବେଶ ପଥ ଓ ନନ୍ଦନକାନନ ମୁଖ୍ୟ ରାସ୍ତାକଡ଼ରୁ ଆବର୍ଜନା ଓ ପଲିଥିନ୍‌ମୁକ୍ତ ରଖିବା ପାଇଁ ସଚେତନ କରିବା ସହିତ ହାତରେ ଝାଡୁ, ଫାଉଡ଼ା ଆଦି ଧରି ମଙ୍ଗଳବାର ସକାଳୁ ସଫାସୁତରା କରାଯାଇଛି। ଏଥିରେ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ରଙ୍କ ସହିତ ସଞ୍ଜୟ ପତି, ଜଳନ୍ଧର ସୁବୁଦ୍ଧି, ଲିପା ଦାସ, ନଗେନ ବିଶୋଇ, ସ୍ମୃତିରଞ୍ଜନ ଦାସ, ପ୍ରଦୀପ୍ତ ଜେନା ପ୍ରମୁଖ ଯୋଗଦେଇଥିଲେ।

## ମୁକ୍ତେଶ୍ୱର ନୃତ୍ୟ ମହୋତ୍ସବ ଉଦ୍‌ଘାଟିତ



ଭୁବନେଶ୍ୱର, ୭।୧(ସମିସ): ରାଜଧାନୀ ଭୁବନେଶ୍ୱରରେ ଆରମ୍ଭ ହୋଇଛି ସାଂସ୍କୃତିକ ମହୋତ୍ସବର ମହାକୁମ୍ଭ। ମୁକ୍ତେଶ୍ୱର ମନ୍ଦିର ପ୍ରାଙ୍ଗଣରେ ମଙ୍ଗଳବାର ଅନୁଷ୍ଠିତ ହୋଇଛି ମୁକ୍ତେଶ୍ୱର ନୃତ୍ୟ ମହୋତ୍ସବ। ମହୋତ୍ସବର ଉଦ୍‌ଘାଟନୀ ସମାରୋହରେ କେନ୍ଦ୍ର ବିଦେଶ ମନ୍ତ୍ରାଳୟର ମନ୍ତ୍ରୀ ଏସ୍. ଜୟଶଙ୍କର, ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବଲାଙ୍ଗିର ସାଂସଦ ସଙ୍ଗୀତା କୁମାରୀ ସିଂଦେଓ, ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂ, ଗୁରୁଜୀ ଡ. ଚନ୍ଦ୍ରଭାନୁ ଶତପଥୀ ଆଦି ଅତିଥି ଭାବେ ଯୋଗଦେଇ ନୃତ୍ୟ ଓ ସଙ୍ଗୀତ ଶିଳ୍ପୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପ୍ରଥମ ଦିନରେ ବିଶିଷ୍ଟ କଣ୍ଠଶିଳ୍ପୀ ଅଭିଲିପ୍ସା ପଣ୍ଡାଙ୍କ ଦ୍ୱାରା ହର ହର ଶମ୍ଭୁ ସଙ୍ଗୀତ ପରିବେଷଣ କରାଯାଇଥିଲା। ଏହାପରେ ନୃତ୍ୟଶିଳ୍ପୀ ଦେବାଶିଷ ପଟ୍ଟନାୟକ ଓମ୍ ଧେୟମ୍ ନିତ୍ୟମ୍ ମହେଶମ୍ ମଙ୍ଗଳାଚରଣ, ରାଗଶ୍ରୀ ପଲ୍ଲବୀ, ଶିବାଷ୍ଟକମ୍ ଓଡ଼ିଶୀ ନୃତ୍ୟରେ ପ୍ରଭୁଙ୍କ ବନ୍ଦନା କରିବା ସହ ସମସ୍ତ ଦର୍ଶକମାନଙ୍କୁ ବିମୋହିତ କରିଥିଲେ। ନିତ୍ୟାନନ୍ଦ ଦାସ ଓ ବିଜୟ କୁମାର ଦାଶଙ୍କ ଦ୍ୱାରା ଦ୍ୱୈତ ଓଡ଼ିଶୀ ଏବଂ ପୁଷ୍ପିତା ମିଶ୍ର ଓ ଗ୍ରୁପ୍ ଦ୍ୱାରା ପ୍ରଦର୍ଶିତ ଦଳଗତ ଓଡ଼ିଶୀ ନୃତ୍ୟ ମଧ୍ୟ ସମସ୍ତଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା।

### କଲେଜରେ ବରିଷ୍ଠତା ନେଇ ଆରୋପ ପ୍ରତ୍ୟାରୋପ

## ବରିଷ୍ଠତା ଭିତ୍ତିରେ ପଦୋନ୍ନତି ଦେବାକୁ ବ୍ଲକ୍ ଗ୍ରାଣ୍ଟ ଅଧ୍ୟାପକ ସଂଘର ଦାବି

ଭୁବନେଶ୍ୱର, ୭।୧(ସମିସ): ୪୮୮ ବର୍ଗ କଲେଜରେ କିଏ ବରିଷ୍ଠ? ବ୍ଲକଗ୍ରାଣ୍ଟ ଅଧ୍ୟାପକ ନା ଏସ୍ଏସ୍‌ବି ଅଧ୍ୟାପକ? ଏସ୍ଏସ୍‌ବି ଅଧ୍ୟାପକଙ୍କୁ ବରିଷ୍ଠତା ଦେବାକୁ ସରକାର ବିଜ୍ଞପ୍ତି ପ୍ରକାଶ କରିଛନ୍ତି, ଯାହାକୁ ବିରୋଧ କରୁଛି ବ୍ଲକଗ୍ରାଣ୍ଟ ଅଧ୍ୟାପକ ସଂଘ। ଏହାକୁ ନେଇ ଗତ ୨୬ ତାରିଖରେ ଗାନ୍ଧୀମାର୍ଗରେ ବିକ୍ଷୋଭ ମଧ୍ୟ କରିଥିଲେ। ଏହି ସମୟରେ ବ୍ୟବହୃତ କିଛି ପୋଷ୍ଟରକୁ ନେଇ ଉଭୟ ସଂଘ ମଧ୍ୟରେ ବିବାଦ ଆରମ୍ଭ ହୋଇଛି। ଆରୋପ ପ୍ରତ୍ୟାରୋପ ମଧ୍ୟରେ ବ୍ଲକଗ୍ରାଣ୍ଟ ଅଧ୍ୟାପକ ସଂଘ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ କରି କୁହାଯାଇଛି, ଓଡ଼ିଶା ଏସ୍ଏସ୍‌ବି ସଂଗଠନ (ଓସଲା) ପକ୍ଷରୁ ସେମାନଙ୍କ ଚୟନ ପ୍ରକ୍ରିୟା ଓ ଅନ୍ୟ ପ୍ରସଙ୍ଗରେ ମତ ରଖି ନିଜର ପିଲାଳିଆମି ଓ ଅପରିପକ୍ୱତାର ପରିଚୟ ଦେଉଛନ୍ତି। ଏଥିରୁ କ୍ଷାନ୍ତ ରହିବାକୁ ପରାମର୍ଶ ଦେବା ସହ ନିଜର ଦାବି ପୂରଣ କରିବାକୁ ସରକାରଙ୍କ ପାଖରେ ଦାବି ରଖିଛି। ବ୍ଲକଗ୍ରାଣ୍ଟ ଅଧ୍ୟାପକଙ୍କୁ ଚାକିରି ସର୍ତ୍ତାବଳୀ ପ୍ରଦାନ କରିବା, ଏସ୍ଏସ୍‌ବି ଅଧ୍ୟାପକଙ୍କ ସହ ଚାକିରି ସର୍ତ୍ତାବଳୀକୁ ନେଇ ଥିବା ତାରତମ୍ୟ ଦୂର କରିବା, ବରିଷ୍ଠତା ଭିତ୍ତିରେ ପଦୋନ୍ନତି ଦେଇ ସମସ୍ୟାର ତୁରନ୍ତ ସମାଧାନ କରିବାକୁ ଦାବି କରାଯାଇଛି। ଅନ୍ୟଥା ଆଗାମୀ ଦିନରେ ସଂଘ ପକ୍ଷରୁ ଜୋର୍‌ଦାର୍ ଆନ୍ଦୋଳନ କରାଯିବ। ଏହାସହ +୨ ପରୀକ୍ଷାରେ ମଧ୍ୟ ଅସହଯୋଗ କରାଯିବ ବୋଲି ଚେତାବନୀ ଦିଆଯାଇଥିବା ସଂଘର ମାନସ ପୁରୋହିତ ପ୍ରକାଶ କରିଛନ୍ତି।




### 'ଉତ୍କଳ'ରୁ ୧୦୮ ଅଣଶିକ୍ଷକ ପଦ ଉଚ୍ଛେଦ ପ୍ରସଙ୍ଗ

## ହସ୍ତକ୍ଷେପ ନିମନ୍ତେ କୁଳପତିଙ୍କୁ ଦାବିପତ୍ର



ଭୁବନେଶ୍ୱର, ୭।୧(ସମିସ): ଉତ୍କଳ ବିଶ୍ୱବିଦ୍ୟାଳୟରୁ ୧୦୮ଟି ଅଣଶିକ୍ଷକ ପଦ ଉଚ୍ଛେଦ ହେବା ପରେ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ମଙ୍ଗଳବାର ବିଶ୍ୱବିଦ୍ୟାଳୟ ଅଣଶିକ୍ଷକ କର୍ମଚାରୀ ସଂଘ ପକ୍ଷରୁ ଏହାକୁ ବିରୋଧ କରିବା ସହ ବିଶ୍ୱବିଦ୍ୟାଳୟ ପ୍ରଶାସନିକ ଭବନ ସମ୍ମୁଖରେ ବିକ୍ଷୋଭ କରି କୁଳପତି ହସ୍ତକ୍ଷେପ କରିବାକୁ ଦାବି କରିଛନ୍ତି। ବିଶ୍ୱବିଦ୍ୟାଳୟର ଉନ୍ନତି କାର୍ଯ୍ୟରେ ଏହା ବାଧକ ହେବ ଓ ସେମାନଙ୍କ ବୃତ୍ତିକୁ ମଧ୍ୟ ବହୁଳ ଭାବେ ପ୍ରଭାବିତ କରିବ ବୋଲି କହିଛନ୍ତି।

ଉତ୍କଳରେ ପୂର୍ବରୁ ୫୦ଟି ସେକ୍ସନ୍ ଅଫିସର ପଦ ଥିଲା। ତହିଁରୁ ୩୫ଟି ପଦକୁ ଉଚ୍ଛେଦ କରାଯାଇଛି। ସେହିପରି ୯୫ ବରିଷ୍ଠ ସହାୟକରୁ ୬୮ ଏବଂ ୫୫ କନିଷ୍ଠ ସହାୟକରୁ ୫ଟି ପଦ ଉଚ୍ଛେଦ ହୋଇଛି। ଫଳରେ ସମ୍ପ୍ରତି ୧୫ଟି ସେକ୍ସନ୍ ଅଫିସର, ୨୭ଟି ବରିଷ୍ଠ ସହାୟକ ଓ ୫୦ଟି କନିଷ୍ଠ ସହାୟକ ପଦ ରହିଛି। ଏହା ବିଶ୍ୱବିଦ୍ୟାଳୟର ପ୍ରଶାସନିକ କାର୍ଯ୍ୟକୁ ଦ୍ରୁତ ପ୍ରଭାବିତ କରିବ। ସଂଘର କହିବା କଥା ସମ୍ପ୍ରତି ଜଣେ ଲେଖାଏଁ କର୍ମଚାରୀ ଏକାଧିକ ବିଭାଗର କାର୍ଯ୍ୟ ତୁଲାଉଛନ୍ତି। ତହିଁରୁ ଉଚ୍ଛେଦ କଲେ କର୍ମଚାରୀ ସଙ୍କଟ ଉତ୍କଟ ହେବ। କାର୍ଯ୍ୟଭାର ବଢ଼ିବା ଫଳରେ ଛାତ୍ରଛାତ୍ରୀଙ୍କ ନାମଲେଖା, ଫର୍ମପୂରଣ ପରି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ବିଳମ୍ବ ହେବ। ଜାତୀୟ ଶିକ୍ଷାନୀତି ଲାଗୁ କରିବା ପରି ବିଭିନ୍ନ କାର୍ଯ୍ୟ ବ୍ୟାହତ ହେବ। ସରକାରଙ୍କ ବିଜ୍ଞପ୍ତି ଦୀର୍ଘ ଦିନରୁ ଉତ୍ସର୍ଗୀକୃତ କର୍ମଚାରୀଙ୍କ ଭବିଷ୍ୟତ ଅନ୍ଧକାର ହେବା ସହ ମନୋବଳ ଭାଙ୍ଗି ଦେଇଥିବା ସଂଘ ଅଭିଯୋଗ କରିଛି। ଉଚ୍ଚଶିକ୍ଷା ବିଭାଗର ଏହି ନିଷ୍ପତ୍ତିକୁ ପ୍ରତ୍ୟାହାର କରିବା ପାଇଁ ହସ୍ତକ୍ଷେପ କରିବାକୁ ସଂଘ ପକ୍ଷରୁ କୁଳପତିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ, ସମସ୍ତ ବିଶ୍ୱବିଦ୍ୟାଳୟରେ ମଞ୍ଜୁରୀପ୍ରାପ୍ତ ଅଣଶିକ୍ଷକ ପଦକୁ ସଂଶୋଧନ କରାଯାଇଛି। ନୂତନ ବିଜ୍ଞପ୍ତି ଅନୁଯାୟୀ, ୧୬୫ଟି ନୂତନ କନିଷ୍ଠ ସହାୟକ ପଦ ସୃଷ୍ଟି ହୋଇଥିବାବେଳେ ୭୧ଟି ବରିଷ୍ଠ ସହାୟକ ଓ ୨୩ଟି ସେକ୍ସନ୍ ଅଫିସର ପଦକୁ ଉଚ୍ଛେଦ କରାଯାଇଛି। ଉତ୍କଳ ସମେତ ବ୍ରହ୍ମପୁର ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ମଧ୍ୟ ବିଭିନ୍ନ ପଦ ଉଚ୍ଛେଦ କରାଯାଇଛି।

### ନନ୍ଦନକାନନର ୬୫ତମ ପ୍ରତିଷ୍ଠା ଦିବସ ସମାରୋହ

**ମନମୋହୁଛନ୍ତି ୧୭୩ ପ୍ରଜାତିର ୪ ହଜାରରୁ ଊର୍ଦ୍ଧ୍ୱ ପ୍ରାଣୀ**

**ଉତ୍ତମ କାର୍ଯ୍ୟ ପାଇଁ ୧୪ ଜଣ କର୍ମଚାରୀଙ୍କୁ ପୁରସ୍କାର**

# 'ବିଶ୍ୱସ୍ତରୀୟ ଚିଡ଼ିଆଖାନାର ରୂପ ନେଇଛି ନନ୍ଦନକାନନ'





ନନ୍ଦନକାନନ, ୭।୧(ସମିସ): ନନ୍ଦନକାନନର ୬୫ତମ ପ୍ରତିଷ୍ଠା ଦିବସ ସମାରୋହ ନନ୍ଦନକାନନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରତିବର୍ଷ ଡିସେମ୍ବର ୨୯ରେ ପାଳିତ ହେଉଥିବା ନନ୍ଦନକାନନ ପ୍ରତିଷ୍ଠା ଦିବସ ସମାରୋହ ଚଳିତ ଥର ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ଦେହାନ୍ତରେ ଜାତୀୟ ଶୋକ ପାଳନ ପଡ଼ିବାରୁ ଏହା ମଙ୍ଗଳବାର ପାଳିତ ହୋଇଛି। ୧୯୬୦ରୁ ଆରମ୍ଭ ହୋଇଥିବା ନନ୍ଦନକାନନ ୬୬ ବର୍ଷରେ ପଦାର୍ପଣ କରିଛି। ଏହି ଭିତରେ ସ୍ଥାନୀୟ ଲୋକ, ପୂର୍ବତନ ଅଧିକାରୀ, କର୍ମଚାରୀ, ଗଣମାଧ୍ୟମର ନିଷ୍ଠା ପରାକାଷ୍ଠାରେ ନନ୍ଦନକାନନ ବିଶ୍ୱସ୍ତରୀୟ ଚିଡ଼ିଆଖାନା ରୂପେ ଉଭା ହୋଇଛି। ଏବେ ଏଠି ସ୍ୱଦେଶୀ ବିଦେଶୀ ୧୭୩ ପ୍ରଜାତିରୁ ଊର୍ଦ୍ଧ୍ୱ ପ୍ରାୟ ୪ହଜାରରୁ ଅଧିକ ପ୍ରାଣୀ ରହୁଛନ୍ତି। ମଣିଷ ଭଳି କଥା କହି ପାରୁ ନ ଥିଲେ ହେଁ ସେମାନଙ୍କୁ ପାଳିବା, ସୁରକ୍ଷା ଦେବା, ବଂଶବୃଦ୍ଧି କରିବା ଯେତେ ସହଜ ମନେ ହେଉଥିଲେ ସୁଦ୍ଧା ବାସ୍ତବରେ ବହୁତ କଷ୍ଟସାଧ କାର୍ଯ୍ୟ। ବିଭିନ୍ନ ପ୍ରଜାତିର ଜୀବଙ୍କ ବିଭିନ୍ନ ରୁଚିକୁ ଦେଖି ଖାଦ୍ୟ, ପରିବେଶ, ବାସସ୍ଥାନ, ଉତ୍ତମ ଚିକିତ୍ସା ଯୋଗାଇଦେବାରେ ନନ୍ଦନକାନନ ସଦା ଜାଗ୍ରତ ରହିଛି। ଦେଶର ଚିଡ଼ିଆଖାନାମାନଙ୍କ ମଧ୍ୟରେ ନନ୍ଦନକାନନ ସବୁଠାରୁ ଉଚ୍ଚକୋଟିର ହୋଇଥିବାବେଳେ ଏଠି ଅଧିକ ଜୀବଜନ୍ତୁ ରହିଛନ୍ତି ବୋଲି ଆଗତ ଅତିଥିମାନେ ପ୍ରକାଶ କରିଥିଲେ।



ମଙ୍ଗଳବାର ଏହି ସମାରୋହରେ ଜଙ୍ଗଲ, ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଇକୋ ସିଷ୍ଟମ୍‌କୁ କିପରି ଆଗାମୀ ପିଢ଼ି ଆଦରି ଏକ ସୁନ୍ଦର ସୁସ୍ଥ ସମାଜ ଗଢ଼ିବେ ସେନେଇ ଗୁରୁତ୍ୱ ଦେବା ନିମନ୍ତେ ପ୍ରୟାସ କରାଯାଉଥିବା କହିଥିଲେ। ସମ୍ମାନିତ ଅତିଥିଭାବେ ମୁଖ୍ୟ ବନ ସଂରକ୍ଷକ ତଥା ବନ ବାହିନୀ ମୁଖ୍ୟ ଦେବୀଦତ୍ତ ବିଶ୍ୱାଳ, ପିସିସିଏଫ୍ ବନ୍ୟପ୍ରାଣୀ ପ୍ରେମ କୁମାର ଝା, ନନ୍ଦନକାନନ ନିର୍ଦ୍ଦେଶକ ମନୋଜ ଭି. ନାୟାରଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଆଗତ ଅତିଥିଗଣଙ୍କ ଦ୍ୱାରା ନବୀକରଣ ହୋଇଥିବା ଗ୍ରନ୍ଥାଳୟ ଏବଂ ଡିଜିଟାଲ କେନ୍ଦ୍ର, ହିମାଳୟ କଳା ଭାଲୁ ଖୁଆଡ଼, ସଂରକ୍ଷଣ ଅନୁସନ୍ଧାନ ଓ ପ୍ରଶିକ୍ଷଣ କେନ୍ଦ୍ର, ପ୍ରାଣୀ ଉଦ୍ୟାନ ସୁରକ୍ଷା କର୍ମଚାରୀଙ୍କ ସାମୂହିକ ଆବାସ, ପକ୍ଷୀ ସଙ୍ଗରୋଧ କେନ୍ଦ୍ର, କାଞ୍ଜିଆ ଆର୍ଦ୍ରଭୂମି ପରିଦର୍ଶନ ପଥ ଉଦ୍‌ଘାଟନ ହୋଇଥିଲା। ନନ୍ଦନକାନନର ୧୪ଜଣ କର୍ମଚାରୀଙ୍କୁ ଉତ୍ତମ କାର୍ଯ୍ୟ ପାଇଁ ପୁରସ୍କୃତ କରାଯାଇଥିଲା। ଚଳିତବର୍ଷ ୧୪ଟି ନୂଆ ପ୍ରଜାତିର ପ୍ରାଣୀ ଆସିଛନ୍ତି। ବିଦେଶୀ ବାନର ଖୁଆଡ଼, ପକ୍ଷୀମାନଙ୍କ ସ୍ୱତନ୍ତ୍ର ଖୁଆଡ଼, ୨୮ଟି ଉନ୍ନତ ଚିକିତ୍ସା ଉପକରଣ, ଭ୍ରାମ୍ୟମାଣ ଚିକିତ୍ସା ସେବା ଯୋଗାଇ ଦିଆଯାଇଛି। ଅଦ୍ୟାବଧି ୩୯ଲକ୍ଷରୁ ଅଧିକ ପର୍ଯ୍ୟଟକ ଆସିଥିବାବେଳେ ୨୨କୋଟିରୁ ଊର୍ଦ୍ଧ୍ୱ ରାଜସ୍ୱ ସଂଗ୍ରହ ହୋଇଛି। ଏହାକୁ ଆଗାମୀ ୩ବର୍ଷ ମଧ୍ୟରେ ବିଶ୍ୱସ୍ତରୀୟ ଚିଡ଼ିଆଖାନା କରିବା ଦିଗରେ ବହୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପମାନ ନିଆଯାଉଛି। ଚିଡିଆଖାନା ଆମ୍ବାସାଡରମାନଙ୍କ ନାମ, ପ୍ରମୁଖ ପ୍ରକାଶନ-ବାର୍ଷିକ ପତ୍ରିକା, ବିଶିଷ୍ଟ ବିବରଣୀ ନନ୍ଦନକାନନ-୨୦୨୪ ଉନ୍ମୋଚନ କରାଯାଇଥିଲା। ଆସିଥିବା ୨ ଜିରାଫଙ୍କ ନାମ ଆନନ୍ଦ ଓ ମୁସ୍କାନ ଏବଂ ସିଂବା ଓ କେଶରୀ ଭାବେ ୨ ସିଂହଙ୍କ ନାମକରଣ କରାଯାଇଛି। ଉପନିର୍ଦ୍ଦେଶକ ସନଥ ନାରାୟଣଙ୍କ ତତ୍ତ୍ୱାବଧାନରେ ଶିକ୍ଷା ଅଧିକାରୀ ମିଲନ ପଣ୍ଡା, ମିନାକ୍ଷୀ ବିଶ୍ୱାଳ, ସୁଦୀପ୍ତ ପଣ୍ଡା ଆଦି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

